# ୭୫ତମ ବନମହୋତ୍ସବ

# 75th Vanamahotsava

## 2024



ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା
ଭୁବନେଶ୍ୱର-୭୫୧୦୨୩




*Celebration of Vanamahotsava, 2023 at Nayagarh Forest Division*




*Celebration of Vanamahotsava, 2023 at Rourkela Forest Division*



*Celebration of Vanamahotsava, 2023 at Nayagarh Forest Division*

# ୭୫ତମ ବନମହୋତ୍ସବ

# 75th Vanamahotsava

## 2024

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା
ଭୁବନେଶ୍ୱର - ୭୫୧ ୦୨୩





"एक पेड़ माँ के नाम"

ଓଡ଼ିଶା ସରକାର

# ୭୫ତମ ବନମହୋତ୍ସବ ପାଳନ ଉପଲକ୍ଷେ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା



୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ବୃକ୍ଷ ହିଁ ଜୀବନ। ଜଙ୍ଗଲ ଆମର ମା। ମା ଧରିତ୍ରୀର ସୁରକ୍ଷା ଜଙ୍ଗଲ ସୁରକ୍ଷା ଓ ପ୍ରଚୁର ବୃକ୍ଷରୋପଣ ମାଧ୍ୟମରେ ସମ୍ଭବ। ଆଜି ଦିନରେ ଆମର ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଭୀଷିକାକୁ ସାମ୍ନା କରୁଛି। ଏହି ସମୟରେ ବୃକ୍ଷକୁ ଭଗବାନ ଭାବରେ ପୂଜା କରୁଥିବା ଭାରତୀୟ ଓ ଓଡ଼ିଆ ସମାଜର ଯୁଗଯୁଗ ଧରି ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱକୁ ପୁଣି ଆହୁରି ଗୁରୁତ୍ୱର ସହ ନେବାର ସମୟ ଆସିଛି। ବୃକ୍ଷ ତାପମାତ୍ରା ନିୟନ୍ତ୍ରଣ ସହ ବର୍ଷାକୁ ଆକର୍ଷଣ କରିବାର ଶକ୍ତି ରଖୁଛି। ବାୟୁମଣ୍ଡଳର ଅମ୍ଳଜାନ ସ୍ତରକୁ ବୃଦ୍ଧି କରି ପରିବେଶ ପ୍ରଦୂଷଣ ମୁକ୍ତ କରୁଛି। ଆମ ରାଜ୍ୟର ଅନେକ ଜିଲ୍ଲାରେ ଆଦିବାସୀ ଭାଇଭଉଣୀମାନଙ୍କର ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ଆଧାରରେ ଦୁଇପଇସା ରୋଜଗାର ପରିବାର ପ୍ରତିପୋଷଣର ବଡ଼ ମାଧ୍ୟମ।

ଜନସାଧାରଣଙ୍କୁ ଜଙ୍ଗଲ ସମ୍ପଦର କ୍ରମ ଅଭିବୃଦ୍ଧି ସକାଶେ ବନୀକରଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ପାଇଁ ଚଳିତ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବର୍ଷାଋତୁରେ ରାଜ୍ୟବ୍ୟାପୀ ବନମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ସାରା ରାଜ୍ୟରେ ବ୍ୟାପକ ବନୀକରଣ କରାଯିବାର ପ୍ରସ୍ତାବ ରହିଅଛି।

ନୂଆ ସରକାର ଜନସାଧାରଣଙ୍କର ସହଯୋଗରେ ରାଜ୍ୟରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିବେ। ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ବହୁଳ ସଂଖ୍ୟାରେ ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ସୌନ୍ଦର୍ଯ୍ୟ ବର୍ଦ୍ଧକ ବୃକ୍ଷ, ଅର୍ଥକାରୀ ବୃକ୍ଷ ଇତ୍ୟାଦି ରୋପଣ ସହିତ ବୃକ୍ଷଚାରା ବଣ୍ଟନ କରି ଜଙ୍ଗଲ ମଧ୍ୟରେ ଏବଂ ଅଣଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବିଶ୍ୱ ପରିବେଶ ଦିବସରେ *"ଏକ୍ ପେଡ୍ ମା କେ ନାମ୍"* ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ ସେ ସମସ୍ତ ଦେଶବାସୀଙ୍କୁ ନିଜ ନିଜ ମା'ଙ୍କ ନାମରେ ବୃକ୍ଷରୋପଣ କରିବା ସହ ନିଜ ନିଜର ଫଟୋ, **#Plant4Mother** ରେ ଦେବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ମୁଁ ରାଜ୍ୟବାସୀଙ୍କୁ ଅନୁରୋଧ କରିବି, ଆମେ ବନମହୋତ୍ସବ ଉପଲକ୍ଷେ ବହୁଳ ଭାବେ ଗଛ ଲଗାଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଏହି ଅଭିଯାନକୁ ମଧ୍ୟ ସଫଳ କରିବା।

ଆସନ୍ତୁ ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା।

#Plant4Mother

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ଓଡ଼ିଶା ସରକାର



# ବାର୍ତ୍ତା

ଚଳିତ ୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ମୋର ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

ବିଶ୍ୱ ତାପନ, ଜଳବାୟୁରେ ପରିବର୍ତ୍ତନ ଆଜି ଏକ ସଙ୍କଟ ଭାବେ ଉଭା ହୋଇଛି। ଆମ ଦେଶ ତଥା ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଏପରି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ଜଙ୍ଗଲ ସଂପଦର ଅଭିବୃଦ୍ଧି ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ଆମମାନଙ୍କର କର୍ତ୍ତବ୍ୟ ହେଉଛି, ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହିତ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ଏବଂ ତାର ସୁରକ୍ଷା କରିବା। ସେଥିପାଇଁ ବ୍ୟାପକ ବୃକ୍ଷରୋପଣ କରି କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି।

ଚଳିତ ବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ ଅବସରରେ ବ୍ୟାପକ ବନୀକରଣ କରାଯିବାର ପ୍ରସ୍ତାବ ରହିଅଛି। ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ଆମ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର କ୍ରମାଗତ ଭାବେ ବୃଦ୍ଧି ଘଟୁଅଛି। ବିଭିନ୍ନ ବନୀକରଣ ଯୋଜନା ଯଥା- ଉଜୁଡା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣର ଯୋଜନା କରାଯାଇଅଛି। ଏହିସବୁ ଯୋଜନା ମାଧ୍ୟମରେ ବନୀକରଣ ପାଇଁ ୨୧୬.୬୨ ଲକ୍ଷ ବୃକ୍ଷଚାରା ରୋପଣ କରାଯିବା ସହ ୨୮୦.୧୫ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଓ ସରକାରୀ ଅନୁଷ୍ଠାନମାନଙ୍କୁ ବିନା ମୂଲ୍ୟରେ ବିତରଣ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଅଛି। ତେଣୁ ଜନସାଧାରଣ ଏହାର ସୁବିଧା ଉପଲବ୍ଧ କରି ଜଙ୍ଗଲ ସଂପଦର ଅଭିବୃଦ୍ଧି ପାଇଁ ଯତ୍ନବାନ ହେବେ।

ଏହି ଅବସରରେ, ଜନସାଧାରଣଙ୍କୁ ବ୍ୟାପକ ପରିମାଣରେ ଗଛ ଲଗାଇ ନିଜ ନିଜର ଫଟୋ, **(#Plant4Mother)** ରେ ଦେଇ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ***"ଏକ୍ ପେଡ୍ ମା କେ ନାମ୍"*** ଅଭିଯାନରେ ଅଂଶ ଗ୍ରହଣ କରିବା ପାଇଁ ମଧ୍ୟ ଅନୁରୋଧ କରୁଅଛି।

ଆସନ୍ତୁ ମିଳିମିଶି ଅଧିକରୁ ଅଧିକ ଗଛ ଲଗାଇବା। ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା।

**(ଗଣେଶ ରାମ ସିଂ ଖୁଣ୍ଟିଆ)**

ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା








**ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ,** ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡ଼ିଶା ସରକାର

# ବାର୍ତ୍ତା

୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭଅବସରରେ ସମସ୍ତ ବନାଧିକାରୀ ତଥା ଜଙ୍ଗଲ ସଂପଦର ହିତାଧିକାରୀ ମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ତଥା ଅଭିନନ୍ଦନ।

ଜଙ୍ଗଲର ଅଭିବୃଦ୍ଧି ଓ ସୁରକ୍ଷା ତଥା ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରତ୍ୟେକ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ସାତଦିନ ଧରି ବନମହୋତ୍ସବ ପାଳିତ ହୋଇଆସୁଅଛି। ସେଥିପାଇଁ ଆମର ସମସ୍ତ ବନାଧିକାରୀ ତଥା ଜଙ୍ଗଲ ସମ୍ପଦର ହିତାଧିକାରୀ ଓ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବ୍ୟକ୍ତି ବିଶେଷଙ୍କର ସହଯୋଗ ଏକାନ୍ତ କାମ୍ୟ।

ପ୍ରାଣୀଜଗତର ସ୍ଥିତି ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭରକରେ। ଜଙ୍ଗଲ ଯୋଗୁଁ ନିୟମିତ ବର୍ଷା ହୋଇଥାଏ। ଜଙ୍ଗଲରୁ କାଠ ଠାରୁ ଆରମ୍ଭକରି ଖାଦ୍ୟ, ଔଷଧୀୟ କଞ୍ଚାମାଲ୍ ଓ ଲଘୁ ବନଜାତ ଦ୍ରବ୍ୟ ପ୍ରାପ୍ତ ହୋଇଥାଏ। ଜଙ୍ଗଲ ଭୂତଳ ଜଳସ୍ତରକୁ ମଧ୍ୟ ବଜାୟ ରଖେ। ମୃତ୍ତିକା ସଂରକ୍ଷଣ ସହିତ ବାୟୁମଣ୍ଡଳରେ ଅମ୍ଳଜାନ ଗ୍ୟାସର ଅଭିବୃଦ୍ଧି ତଥା ଅଙ୍ଗାରକାମ୍ଳ ଗ୍ୟାସର ପ୍ରତିହତ କ୍ଷେତ୍ରରେ ଜଙ୍ଗଲର ଅବଦାନ ଅତୁଳନୀୟ। ତେଣୁ ଜନସାଧାରଣଙ୍କ ସହଯୋଗରେ ଏବଂ ବନବିଭାଗର ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି।

ଓଡ଼ିଶା ରାଜ୍ୟକୁ ଆଚ୍ଛାଦିତ କରିଥିବା ବିଭିନ୍ନ ପ୍ରକାର ଜଙ୍ଗଲ ଆମ ଜୈବବିବିଧତାର ଅଂଶ ବିଶେଷ। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ୨୦୨୧ ଆକଳନ ଅନୁସାରେ ଆମ ରାଜ୍ୟର ସମଗ୍ର ଭୌଗୋଳିକ କ୍ଷେତ୍ରଫଳର ୩୩.୫୦ ଶତାଂଶ ହେଉଛି ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ୩.୨୧ ଶତାଂଶ ହେଉଛି ବୃକ୍ଷ ଆଚ୍ଛାଦିତ ଅଞ୍ଚଳ। ଏହା ସମଗ୍ର ଦେଶର ଅନୁପାତଠାରୁ ଯଥେଷ୍ଟ ଅଧିକ। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ୫୦୨୮.୯୩ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୩୨୦୯୧.୯୫ ହେକ୍ଟର ପରିମିତ ଅଞ୍ଚଳରେ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାର, ୨୭୫୬.୬୦ ରୋ କିଲୋମିଟର ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ ୨୧୬.୬୨ ଲକ୍ଷ ଚାରା ରୋପଣ କରାଯିବାର ଅଟକଳ ରହିଅଛି। ଏହା ବ୍ୟତିତ ୨୮୦.୧୫ ଲକ୍ଷ ବୃକ୍ଷଚାରା ବଣ୍ଟନ ନିମିତ୍ତ ଲକ୍ଷ୍ୟ ରଖାଯାଇଛି।

ବୃକ୍ଷରୋପଣରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।

(ସତ୍ୟବ୍ରତ ସାହୁ)



"एक पेड माँ के नाम"



**ଶ୍ରୀ ଦେବୀଦତ୍ତ ବିଶ୍ୱାଳ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ,
ଓଡ଼ିଶା

# ମୁଖବନ୍ଧ

ଜଙ୍ଗଲ ସମ୍ପଦ ଓ ପ୍ରାଣୀ ଜଗତ ପରସ୍ପର ନିର୍ଭରଶୀଳ। ତେଣୁ ଏହାର ଅଭିବୃଦ୍ଧି, ସୁରକ୍ଷା ତଥା ସଂରକ୍ଷଣ ଯଥା ସମ୍ଭବ ହୋଇପାରିଲେ ହିଁ ଜନ ଜୀବନର ବିକାଶ ହୋଇପାରିବ। ଜଙ୍ଗଲ ସଂପଦ, ପ୍ରାଣୀଜଗତର ଆଧାର ଶିଳା କହିଲେ ଅତ୍ୟୁକ୍ତି ହେବନାହିଁ। ଖାଦ୍ୟ, ଔଷଧୀୟ କଞ୍ଚାମାଲ ଓ ଲଘୁ ବନଜାତ ଦ୍ରବ୍ୟ ପ୍ରଭୃତି ଯୋଗାଇବା ସହିତ ଭୂତଳ ଜଳ ସ୍ତରକୁ ଅକ୍ଷୂର୍ଣ୍ଣ ରଖିବା, ମୃତ୍ତିକା ସଂରକ୍ଷଣ, ଅମ୍ଳଜାନ ପ୍ରଦାନ ଇତ୍ୟାଦି ଅନେକ କ୍ଷେତ୍ରରେ ଜଙ୍ଗଲର ଅବଦାନ ଅତୁଳନୀୟ। ସଂପ୍ରତି ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ, ଏକ ମହା ସମସ୍ୟା ଭାବରେ ଉଭା ହୋଇଛି। ଏଥିପାଇଁ ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣ ନିତାନ୍ତ ଅପରିହାର୍ଯ୍ୟ। ତେଣୁ ଏହି ଜନମଙ୍ଗଳକର ଯୋଜନାର ସଫଳ ରୂପାୟନ ପାଇଁ ୧୯୫୦ ମସିହାରୁ ସାରା ଭାରତରେ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି।

ସମାଜ ତଥା ବ୍ୟକ୍ତି ବିଶେଷଙ୍କୁ ବନୀକରଣ କାର୍ଯ୍ୟକ୍ରମ ସମ୍ବନ୍ଧିତ ତଥ୍ୟାବଳୀର ଆଭାଷ ପାଇଁ ରାଜ୍ୟର ଜଙ୍ଗଲ ବିଭାଗ ତରଫରୁ ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ "ବନମହୋତ୍ସବ" ପୁସ୍ତିକା ପ୍ରକାଶନ କରାଯାଉଅଛି। ଏଥିରେ ରାଜ୍ୟର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନର ବିବରଣୀ ସହିତ ବିଭିନ୍ନ ବନୀକରଣ ଯୋଜନା ଯଥା- ସବୁଜ ମହାନଦୀ ମିଶନ, ବର୍ଦ୍ଧିତ ସବୁଜ ଆବରଣ, କାମ୍ପା ଯୋଜନା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା ଇତ୍ୟାଦି ଉପରେ ସମ୍ୟକ୍ ସୂଚନା ସହିତ ଚଳିତ ବର୍ଷର ବନୀକରଣ କାର୍ଯ୍ୟାବଳୀ ଓ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ, ପୂର୍ବ ବର୍ଷ ମାନଙ୍କର ସଫଳତା ପ୍ରଭୃତି ଅନ୍ତର୍ଭୁକ୍ତ କରାଯାଇଛି।

ଆଶା କରେ, ଏହି ତଥ୍ୟ ଭିତ୍ତିକ ପୁସ୍ତିକାଟି ସାଧାରଣ ପାଠକ, କ୍ଷେତ୍ରୀୟ କର୍ମଚାରୀ, ଅଧିକାରୀ ଏବଂ ପ୍ରଶାସକ ମହଲରେ ବିଶେଷ ଆଦୃତ ହେବ।

(ଦେବୀଦତ୍ତ ବିଶ୍ୱାଳ)

#Plant4Mother

# ୭୫ତମ ବନମହୋତ୍ସବ
# (75th Vanamahotsava)

ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସାରା ବିଶ୍ୱ ପାଇଁ ଏକ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ସବୁଜ ବଳୟର ସୃଷ୍ଟି ମାନବ ସମାଜ ପାଇଁ ଏକ ରକ୍ଷାକବଚ ସଦୃଶ। ଜଙ୍ଗଲ ସମ୍ପଦର ସୁରକ୍ଷା, ଅଭିବୃଦ୍ଧି ଓ ସଂରକ୍ଷଣ, ସମାଜର ସୁସ୍ଥ ପରିବେଶ ପାଇଁ ଏକାନ୍ତ କାମ୍ୟ। ବିଗତ ୧୯୫୦ ମସିହାରୁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ତରରେ ଜୁଲାଇ ମାସରେ ବହୁଳ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଅଛି। ଜୁଲାଇ ମାସର ପ୍ରଥମ ସପ୍ତାହରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ସହିତ ସଚେତନତା କାର୍ଯ୍ୟକ୍ରମମାନ କରାଯାଇ "ବନମହୋତ୍ସବ" ପାଳିତ ହେଉଅଛି। ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରାଯାଇ ବହୁଳଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରିରହିଅଛି।

ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସରେ ମାନ୍ୟବର ପ୍ରଧାନମନ୍ତ୍ରୀ "ଏକ ପେଡ ମା' କେ ନାମ" ଅଭିଯାନର ଆରମ୍ଭ କରି ଜନସାଧାରଣଙ୍କୁ ବ୍ୟାପକ ପରିମାଣରେ ଗଛ ଲଗାଇ ନିଜ ନିଜର ଫଟୋ, #Plant4Mother ରେ ଦେବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।

ବୃକ୍ଷର ମହତ୍ୱ ଉପରେ ଜନସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ପ୍ରତି ଶ୍ରଦ୍ଧା ଜନ୍ମାଇବା ବନମହୋତ୍ସବର ପ୍ରଧାନ ଆଭିମୁଖ୍ୟ ଅଟେ। ଚଳିତ ବର୍ଷ ୭୫ ତମ ବନମହୋତ୍ସବ ପାଳନ ଅବସରରେ ରାଜ୍ୟର ସର୍ବସାଧାରଣ ଓ ଶିକ୍ଷାନୁଷ୍ଠାନ ମାନଙ୍କ ସହଯୋଗରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ସରକାର ବିଭିନ୍ନ ବନୀକରଣ ଯୋଜନା ଜାରିରଖିଛନ୍ତି। ବିଗତ ବର୍ଷ ମାନଙ୍କରେ କ୍ରମାଗତ ଭାବେ ଜଙ୍ଗଲର ଅଭିବୃଦ୍ଧି ଘଟୁଥିବା ହେତୁ ଆମରାଜ୍ୟର ଭୂ-ଭାଗର ଶତକଡା ୩୬.୭୧ % ଭାଗ ଜଙ୍ଗଲ ଓ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇପାରିଛି।



*Celebration of Vanamahotsava, 2023 at Bolangir Forest Division*




*Celebration of Vanamahotsava, 2023 at Malkangiri Forest Division*



#Plant4Mother





*Celebration of Vanamahotsava, 2023 at Malkangiri Forest Division*





*Celebration of Vanamahotsava, 2023 at Nayagarh Forest Division*






*Celebration of Vanamahotsava, 2023 at Kalahandi South Forest Division*

# ଓଡ଼ିଶା ଜଙ୍ଗଲ
# (Odisha Forests)

## ରାଜ୍ୟ ଜଙ୍ଗଲ ଅବସ୍ଥିତି ସମ୍ବନ୍ଧୀୟ ତଥ୍ୟ
## (Status Report of Odisha Forests)

(As per the latest India State of Forest Report, 2021)

- **ରାଜ୍ୟ ଜଙ୍ଗଲ ଆଚ୍ଛାଦନର ମାନଚିତ୍ର**
  **(Map of Forest Cover of Odisha)**




- **ରାଜ୍ୟର ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ**
  (Recorded Forest Area in the State)

| ଭୌଗୋଳିକ ଅଞ୍ଚଳ | ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ | ସମୁଦାୟ ଭୌଗୋଳିକ ଅଞ୍ଚଳର ପ୍ରତିଶତ |
|---|---|---|
| ୧୫୫୭୦୭ ବର୍ଗ କିଲୋମିଟର | ୬୧୨୦୪.୧୭ ବର୍ଗ କିଲୋମିଟର | ୩୯.୩୧% |

## ● ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ

| | Percentage of Geographical area | |
|---|---|---|
| | Odisha | India |
| Forest Cover | 33.50 % | 21.71 % |
| Forest and Tree Cover | 36.71 % | 24.62% |

## ● ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ (ବର୍ଗ କିଲୋମିଟର)
## (Forest and Tree Cover in the State in Sq. Km.)

(ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାଦ୍ୱାରା ଉପଗ୍ରହ ମାଧ୍ୟମରେ ଆକଳନ କରାଯାଇଥିବା ତଥ୍ୟ ଉପରେ ପର୍ଯ୍ୟବେକ୍ଷିତ)–(ପ୍ରତି ଦୁଇବର୍ଷ ଅନ୍ତରରେ)

| Assess-ment Year | Very Dense Forest | Medium Dense Forest | Open Forest | Total | Mangrove Forest | Scrub Forest | Outside Tree Cover |
|---|---|---|---|---|---|---|---|
| ୨୦୨୧ | ୭,୨୧୩ | ୨୦୯୯୫ | ୨୩,୯୪୮ | ୫୨,୧୫୬ | ୨୫୯ | ୪,୯୨୪ | ୫,୦୦୪ |
| ୨୦୧୯ | ୬,୯୭୦ | ୨୧,୫୫୨ | ୨୩,୦୯୭ | ୫୧,୬୧୯ | ୨୫୧ | ୪,୩୨୭ | ୪,୬୪୮ |
| ୨୦୧୭ | ୬,୯୬୭ | ୨୧,୩୭୦ | ୨୩,୦୦୮ | ୫୧,୩୪୫ | ୨୪୩ | ୪,୩୦୬ | ୩,୯୯୩ |
| ୨୦୧୫ | ୬,୯୮୫ | ୨୧,୪୭୦ | ୨୧,୮୬୧ | ୫୦,୪୬୦ | ୨୩୧ | ୪,୪୯୯ | ୩,୯୮୬ |
| ୨୦୧୩ | ୭,୦୪୨ | ୨୧,୨୯୮ | ୨୨,୦୦୭ | ୫୦,୩୪୭ | ୨୧୩ | ୪,୪୨୪ | ୪,୦୧୩ |
| ୨୦୧୧ | ୭,୦୬୦ | ୨୧,୩୬୬ | ୨୦,୪୭୭ | ୪୮,୯୦୩ | ୨୨୨ | ୪,୭୩୪ | ୪,୩୦୧ |
| ୨୦୦୯ | ୭,୦୭୩ | ୨୧,୩୯୪ | ୨୦,୩୮୮ | ୪୮,୮୫୫ | ୨୨୧ | ୪,୮୫୨ | ୪,୪୩୫ |
| ୨୦୦୫ | ୫୩୮ | ୨୭,୬୫୬ | ୨୦,୧୮୦ | ୪୮,୩୭୪ | ୨୦୩ | ୪,୭୪୩ | ୪,୫୮୯ |
| ୨୦୦୩ | ୨୮୮ | ୨୭,୮୮୨ | ୨୦,୧୯୬ | ୪୮,୩୬୬ | ୨୦୭ | – | – |


*Nursery at Khordha Forest Division*



*Central Nursery at Nayagarh Forest Division*

“एक पेड माँ के नाम”

# ବନୀକରଣ କାର୍ଯ୍ୟକ୍ରମ
# (Afforestation Activities in the State)

ଓଡିଶାରେ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ କରାଯାଉଅଛି । ୨୦୨୩-୨୪ ଆର୍ଥିକ ବର୍ଷରେ ୪୩,୩୯୧.୧୦ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଏବଂ ସଘନ ବନୀକରଣ କାର୍ଯ୍ୟକୁ ଜଙ୍ଗଲ ଅଞ୍ଚଳ (Forest Land) ଓ ଗୋଷ୍ଠିଗତ ଜଙ୍ଗଲ ଅଞ୍ଚଳ (Community land) ଇତ୍ୟାଦି ମାନଙ୍କରେ ସଫଳତା ପୂର୍ବକ କାର୍ଯ୍ୟକାରୀ କରାଯାଇଅଛି । ଏତଦ୍ ବ୍ୟତିତ ୩୧୧୧.୮୭ ରୋ କି.ମି ଅଞ୍ଚଳରେ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକୁ ସମ୍ପାଦିତ କରାଯାଇଛି ।

ସଘନ ବନୀକରଣ ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକ୍ରମ ମାନଙ୍କରେ ୧୮ ମାସିଆ ସ୍ଥାନୀୟ ପ୍ରଜାତିର ଚାରା ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକୁ ସମ୍ପାଦିତ କରାଯାଇଅଛି । ବୃକ୍ଷହୀନ ଲଣ୍ଡା ପାହାଡ ମାନଙ୍କରେ ବୃକ୍ଷ ରୋପଣ କରି ସେହିସ୍ଥାନ ମାନଙ୍କୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହିଛି । ବନୀକରଣ ଯୋଜନା ମାଧ୍ୟମରେ ସମୁଦାୟ ୨୫୪.୪୨ ଲକ୍ଷ ଚାରା ରୋପଣ କରାଯାଇଥିବା ସ୍ଥଳେ ୪୦୮.୫୭ ଲକ୍ଷ ଚାରା ବିଭିନ୍ନ ହିତାଧିକାରୀ, ଚାଷୀ, ସ୍ଥାନୀୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିତରଣ କରାଯାଇଅଛି । ବିଭିନ୍ନ ଯୋଜନା ମାଧ୍ୟମରେ ହେଉଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମାନଙ୍କର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

୧. ସବୁଜ ମହାନଦୀ ମିଶନ (GMM)

୨. ବର୍ଦ୍ଧିତ ସବୁଜ ବଳୟ (IGC)

୩. ସବୁଜ ଭାରତ ମିଶନ (GIM)

୪. କାମ୍ପା (CAMPA)

୫. ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)

୬. ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

୭. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୮. କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

୯. ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS)

୧୦. ତାଳ ରୋପଣ



#Plant4Mother



*AR Plantation at Boudh Forest Division*

ବିଗତ ୧୫ ବର୍ଷର ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି (Overall Achievement including all schemes in the last 15 years)

| ଆର୍ଥିକ ବର୍ଷ | ବନୀକରଣ ଜଙ୍ଗଲ ଜମିର ଆୟତନ (ହେକ୍ଟର) | ପଥପାର୍ଶ୍ୱ ବନୀକରଣ (ରୋ କିଲୋମିଟର) | ସହରୀ ବନୀକରଣ (ରୋପିତ ବୃକ୍ଷ ଚାରାର ସଂଖ୍ୟା) (ଲକ୍ଷ ହିସାବରେ) | ସର୍ବ ମୋଟ (ରୋପିତ ବୃକ୍ଷ ଚାରାର ସଂଖ୍ୟା) | ବିତରଣ କରାଯାଇଥିବା ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) |
|---|---:|---:|---:|---:|---:|
| ୨୦୦୯-୧୦ | ୯୨,୫୮୪ | ୧୩୩ | ୦.୧୭ | ୪୧୫.୩୫ | ୨୫.୦୦ |
| ୨୦୧୦-୧୧ | ୨୩୩,୪୪୫ | ୨୪୨ | ୩.୪୮ | ୧୦୮୬.୦୯ | ୧୨୮.୩୪ |
| ୨୦୧୧-୧୨ | ୧୮୨୧୮୬ | ୭୬୯ | ୬.୮୦ | ୩୫୮.୯୨ | ୧୯୫.୯୨ |
| ୨୦୧୨-୧୩ | ୧୦୭୨୮୭ | ୩୧୦୭ | ୮.୭୨ | ୩୨୧.୬୬ | ୨୧୧.୯୨ |
| ୨୦୧୩-୧୪ | ୧୧୭୬୬୭ | ୪୫୦୬ | ୧୦.୫୭ | ୪୬୭.୬୭ | ୩୦୪.୧୪ |
| ୨୦୧୪-୧୫ | ୧୯୮୮୯୧ | ୪୭୫୫ | ୧୪.୯୦ | ୬୯୬.୫୭ | ୫୫୦.୦୦ |
| ୨୦୧୫-୧୬ | ୩୫୭୦୯୧ | ୪୬୦୭ | ୧୫.୬୫ | ୪୮୭.୯୮ | ୪୬୦.୯୬ |
| ୨୦୧୬-୧୭ | ୪୦୧୪୫୨ | ୫୮୩୮ | ୧୩.୮୩ | ୪୯୯.୭୯ | ୩୭୬.୫୭ |
| ୨୦୧୭-୧୮ | ୩୮୨୩୬୪ | ୩୨୩୫ | ୧୧.୨୦ | ୧୬୬.୮୬ | ୧୪୫.୧୪ |
| ୨୦୧୮-୧୯ | ୨୪୮୫୩୧.୯୨ | ୩୬୮୫.୬୫ | ୧୨.୨୧ | ୩୩୮.୭୪ | ୧୪୨.୪୬ |
| ୨୦୧୯-୨୦ | ୧୪୦୦୫୬.୩୧ | ୩୫୫୮ | ୭.୮୪ | ୩୩୯.୨୬ | ୨୧୨.୪୮ |
| ୨୦୨୦-୨୧ | ୧୦୭୩୨୩.୧୭ | ୪୧୬୪.୭୦ | ୩.୭୮ | ୩୯୨.୪୭ | ୪୬୫.୭୭ |
| ୨୦୨୧-୨୨ | ୧୧୦୩୬୮.୩୦ | ୪୬୧୬.୬୦ | ୦.୧୦୫୬ | ୩୮୨.୯୧ | ୨୩୦.୪୬ |
| ୨୦୨୨-୨୩ | ୮୮୧୯୭.୯୬ | ୪୦୬୯.୩୦ | ୬.୮୭ | ୩୫୧.୫୯ | ୨୧୧.୭୪ |
| ୨୦୨୩-୨୪ | ୪୩୩୯୧.୧୦ | ୩୧୧୧.୮୭ | ୪.୫୩୩୪୬ | ୨୫୪.୪୨ | ୪୦୮.୫୭ |

## ସବୁଜ ମହାନଦୀ ମିଶନ
## (Green Mahanadi Mission)

ରାଜ୍ୟରେ ପ୍ରବାହିତ ମହାନଦୀ ତଥା ଅନ୍ୟାନ୍ୟ ନଦୀଗୁଡ଼ିକ ଓଡ଼ିଶାର ଜୀବନରେଖା ସଦୃଶ। ପ୍ରଚୁର ଜଳ ଉପଲବ୍ଧ, ଜୀବନ ଜୀବିକାର ଉନ୍ନତି ତଥା ସମାଜର କଲ୍ୟାଣ ନିମନ୍ତେ ଉକ୍ତ ନଦୀମାନଙ୍କୁ ଚିରସ୍ରୋତା କରିବା ଉଦ୍ଦେଶ୍ୟରେ ଅଧିସୂଚନା ସଂଖ୍ୟା ୬୫୧୮, ତା ୨୦.୦୩.୨୦୧୮ ରିଖରେ ଏକ ସଂକଳ୍ପନାମା ଜାରିକରି "ସବୁଜ ମହାନଦୀ ମିଶନ" ନାମରେ ଏକ ନୂତନ ଓ ଅଭିନବ ବନୀକରଣ ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଛନ୍ତି। ଏହି ମିଶନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟର ଜନ ପ୍ରତିନିଧି ଓ ସମସ୍ତ ଅଂଶୀଦାର ମାନଙ୍କର ସହଯୋଗର ଆବଶ୍ୟକତା ରହିଛି।




*Urban Tree Plantation under GMM at Nayagarh Forest Division*

ମହାନଦୀ ଏବଂ ଏହାର ଉପନଦୀ ତଥା ତେଲ ଓ ଇବ୍ ନଦୀ ଉପକୂଳର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପ୍ରଶସ୍ତର ଏକ ସବୁଜ ବଳୟ ସୃଷ୍ଟି କରିବା ଏହି ମିଶନର ମୂଳ ଆଭିମୁଖ୍ୟ ଅଟେ। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା ଏବଂ ବଂଶଧାରା ନଦୀକୁ ମଧ୍ୟ ଏହି ମିଶନରେ ଅନ୍ତର୍ଭୁକ୍ତ କରାଯାଇଅଛି। ୨୦୧୮-୧୯ ବର୍ଷ ଠାରୁ ଆରମ୍ଭ ହୋଇ ୨୦୨୫-୨୬ ପର୍ଯ୍ୟନ୍ତ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ "ଆର୍ଥିକ ବ୍ୟୟ ବରାଦ କମିଟି" ଉକ୍ତ ମିଶନ ପାଇଁ ଅର୍ଥ ଅନୁମୋଦନ କରିଛନ୍ତି। ଉପଲବ୍ଧ ହେଉଥିବା ସମସ୍ତ ପ୍ରକାର ଉପଯୁକ୍ତ ଜମି ଯଥା- ଜଙ୍ଗଲ ଜମି, ରାଜସ୍ୱ ଜମି, ଜିଲ୍ଲା ସ୍ତରୀୟ କମିଟି ଅନ୍ତର୍ଭୁକ୍ତ ଜମି (DLC area) ଏବଂ ବେସରକାରୀ ବ୍ୟକ୍ତିଗତ ଜମି ମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରିରହିଛି।

୨୦୨୩-୨୪ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନର କାର୍ଯ୍ୟକ୍ରମରେ ୧୦୦ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୯୫୨ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା

ଜଙ୍ଗଲର ପୁନରୁଦ୍ଧାର (Aided Natural Regeration with Gap Plantation), ୯୦ ହେକ୍ଟର ପରିମିତ ଅଞ୍ଚଳରେ ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation), ୬୬ ହେକ୍ଟର ଝାଉଁ ବୃକ୍ଷ ରୋପଣ (Casuarina Plantation) ଏବଂ ୨.୨୬ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ (Urban Tree Plantation) ସହିତ ସର୍ବମୋଟ ୯.୧୪ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଅଛି ଏବଂ ୯୪.୮୧ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ କରାଯାଇଅଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୮୪ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୧୨୬୦ ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ଦ୍ୱାରା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର (Aided Natural Regeneration with Gap Plantation), ୭୫ ହେକ୍ଟର ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation), ୭୨ ହେକ୍ଟର ଝାଉଁ ବୃକ୍ଷ ରୋପଣ (Casuarina Plantation) ଏବଂ ୨.୦୦ ଲକ୍ଷ ଚାରା ସହରାଞ୍ଚଳ ବନୀକରଣ (Urban Tree Plantation) ସହିତ ୫୦.୦୦ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ ନିମନ୍ତେ ପ୍ରସ୍ତାବ ରହିଅଛି।

## ସବୁଜ ବଳୟ ବୃଦ୍ଧିକରଣ
## (Increasing Green Cover)

- ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନାର ଅନୁପାଳନକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ, ବନୀକରଣ ପ୍ରକ୍ରିୟାର କାର୍ଯ୍ୟାନ୍ୱୟନ ପାଇଁ ୨୦୧୩-୧୪ ଆର୍ଥିକ ବର୍ଷଠାରୁ ସମସ୍ତ ବନୀକରଣ ଯୋଜନାମାନଙ୍କୁ ସମ୍ମିଳିତ କରି ଏହି ଯୋଜନାର ପ୍ରାରମ୍ଭ କରାଯାଇଅଛି।
- ୨୦୨୩-୨୪ ଆର୍ଥିକ ବର୍ଷରେ, ବିଭିନ୍ନ ଯୋଜନା ମାଧ୍ୟମରେ କରାଯାଇଥିବା ବୃକ୍ଷରୋପଣ ଯଥାକ୍ରମେ - ଔଷଧୀୟ ବୃକ୍ଷ ଜ୍ଞାନଆହରଣ କେନ୍ଦ୍ର (ପାତ୍ରପଡ଼ା), ଭୁବନେଶ୍ୱର ଠାରେ ବିଭିନ୍ନ ପ୍ରଜାତିର ୩୦୦୦ ସଂଖ୍ୟକ ତୃଣ ଓ ବୃକ୍ଷଚାରାର ରକ୍ଷଣାବେକ୍ଷଣ ସହିତ ପୁନଃରୋପଣ, ଏକାମ୍ର ବନ ବିନ୍ଦୁ ସାଗର ଔଷଧୀୟ ବୃକ୍ଷ ଉଦ୍ୟାନରେ ୩୦୬୦ ସଂଖ୍ୟକ ଔଷଧୀୟ ବୃକ୍ଷର ପୁନଃରୋପଣ, ନଗରବନ ଯୋଜନାରେ ପାତ୍ରପଡ଼ାରେ ୫୦୦ ସଂଖ୍ୟକ ବୃକ୍ଷଚାରା ରୋପଣ, ୧୨୦ ହେକ୍ଟର ପରିମିତ ଅଞ୍ଚଳରେ କରାଯାଇଥିବା ସଘନ ବନୀକରଣ, ୪୮୦ ହେକ୍ଟର ପରିମିତ ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ୧୦୦୦ ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ବନୀକରଣ ଓ ୧.୦୯ ଲକ୍ଷ ବୃକ୍ଷଚାରା ଦ୍ୱାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ ସମ୍ପାଦନ ହୋଇଅଛି।
- ୨୦୨୪-୨୫ ଆର୍ଥିକ ବର୍ଷରେ ବର୍ଦ୍ଧିତ ସବୁଜ ବଳୟ ବୃଦ୍ଧିକରଣ (Increasing Green Cover) ଯୋଜନା ମାଧ୍ୟମରେ ୨୩୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୯୫ ହେକ୍ଟର ପରିମିତ ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ୨୯୭୫ ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ବନୀକରଣ ଓ ୩.୦୦ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି।



Baldhill plantation at Balliguda Forest  Division




UTP at Khandapada, Nayagarh Forest Division



Ekamravana Bindusagar




Medicinal Plants Knowledge Centre, Patrapada

## ରାଜ୍ୟ ବନ ଉନ୍ନୟନ ସଂସ୍ଥା (SFDA) ଓ ଜାତୀୟ ସବୁଜ ଭାରତ ମିଶନ (GIM)

ଜାତୀୟ ବନୀକରଣ ଓ ପରିବେଶ ଉନ୍ନୟନ ବୋର୍ଡ଼ (NAEB) ଦ୍ୱାରା ପ୍ରସ୍ତୁତ କାର୍ଯ୍ୟାବଳୀ ମାର୍ଗଦର୍ଶିକା ଅନୁଯାୟୀ ଆମ ଓଡ଼ିଶାରେ "ରାଜ୍ୟ ବନ ଉନ୍ନୟନ ସଂସ୍ଥା" (SFDA) ନାମରେ ୧୭ ଜୁନ୍ ୨୦୧୦ ମସିହାରେ ସାମାଜିକ ରେଜିଷ୍ଟ୍ରିକରଣ ନିୟମ ୧୮୬୦ ଅନୁଯାୟୀ ରେଜିଷ୍ଟ୍ରୀଭୁକ୍ତ କରାଯାଇ ଗଠନ କରାଗଲା । ଏହି ସଂସ୍ଥାର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଓଡ଼ିଶା ଏବଂ ପରିଚାଳନା ସଂପାଦକ (Member Secretary) ହେଉଛନ୍ତି ମୁଖ୍ୟ ବନସଂରକ୍ଷକ (ଯୋଜନା ଓ ବନୀକରଣ) ।

ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ପ୍ରବର୍ତ୍ତିତ ବନୀକରଣ ଯୋଜନା ଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ସହଯୋଗ ଭିତ୍ତିରେ କାର୍ଯ୍ୟକାରୀ କରାଇବା ତଥା ତ୍ରିସ୍ତରୀୟ ବ୍ୟବସ୍ଥା ଭିତ୍ତିରେ, ଯଥା ରାଜ୍ୟ ବନ ଉନ୍ନୟନ ସଂସ୍ଥା, ବନଖଣ୍ଡ ସ୍ତରୀୟ ବନ ଉନ୍ନୟନ ସଂସ୍ଥା ଏବଂ ଗ୍ରାମୀଣ ସ୍ତରରେ ବନ ସୁରକ୍ଷା ସମିତି ମାନଙ୍କ ଦ୍ୱାରା ଯୋଜନାର କାର୍ଯ୍ୟ ସମ୍ପାଦନ କରିବା ।




## ଜାତୀୟ ସବୁଜ ଭାରତ ମିଶନ (GIM) :

ଜାତୀୟ ସବୁଜ ଭାରତ ମିଶନ (GIM) ରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ଯୋଜନା (NAPCC) ର ଆଠଟି ମିଶନ ମଧ୍ୟରୁ ଅନ୍ୟତମ। ଏହି ଯୋଜନାଟି ନିମ୍ନଲିଖିତ ଉଦ୍ଦେଶ୍ୟ ପୂରଣ ପାଇଁ କାର୍ଯ୍ୟକାରୀ ହେଉଛି :

କ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପାଞ୍ଚ ମିଲିୟନ ହେକ୍ଟର ଜଙ୍ଗଲ ଭୂମିର ଗୁଣାତ୍ମକ ଅଭିବୃଦ୍ଧି କରିବା।

ଖ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ମାଧ୍ୟମରେ ଅଙ୍ଗାରକାମ୍ଳ ବାଷ୍ପର କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରିୟାର ନିୟନ୍ତ୍ରଣ କରିବା ଏବଂ କାଷ୍ଠ ଓ ଇନ୍ଧନ କାଠର ଭବିଷ୍ୟତ ପାଇଁ ବ୍ୟବସ୍ଥା କରିବା।

ଗ) ତିନି ମିଲିୟନ ପରିବାରକୁ ଜଙ୍ଗଲ ଆଧାରିତ ଜୀବିକା ପରିସରର ସୁଯୋଗ ଦେବା ଓ ସେମାନଙ୍କ ଆର୍ଥିକ ଅବସ୍ଥା ବୃଦ୍ଧି କରିବା।

ଘ) ପର୍ଯ୍ୟାପ୍ତ ବନୀକରଣ କରି ସବୁଜ ବଳୟ ସୃଷ୍ଟି କରିବା।

ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ଅର୍ଥ ଅନୁଦାନ ୨୦୧୫-୧୬ ଆର୍ଥିକ ବର୍ଷଠାରୁ ପାଞ୍ଚ ବର୍ଷିୟ ଯୋଜନା ଭିତ୍ତିରେ କାର୍ଯ୍ୟକାରୀ କରାଯାଉଅଛି।

୨୦୨୩-୨୪ ଆର୍ଥିକ ବର୍ଷରେ ଉପରୋକ୍ତ ଯୋଜନାରେ ୧୫୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୧୪୮୫ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୩୨ ରୋ କି.ମି. ପଥପାର୍ଶ୍ୱ ବନୀକରଣ ଏବଂ ୯୬୦୦ ସଂଖ୍ୟକ ଚାରା ସହରାଞ୍ଚଳ ବନୀକରଣ ଯୋଜନାରେ ରୋପଣ କରାଯାଇଛି। ଏଥିପାଇଁ ସର୍ବମୋଟ ୬.୭୪ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷମାନଙ୍କରେ ବନୀକରଣ ହୋଇଥିବା ୫୮୪୮.୪୩ ହେକ୍ଟର ପରିମିତ ଅଞ୍ଚଳର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ।

## ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ଅଧିକାରୀ (CAMPA)

ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ମାଧ୍ୟମରେ (କାମ୍ପା, ଓଡ଼ିଶା) ପ୍ରାରମ୍ଭରୁ ୨୦୦୯-୧୦ ମସିହା ଠାରୁ ବିଭିନ୍ନ କିସମର ବନୀକରଣ, ଜଙ୍ଗଲ ଓ ବନ୍ୟପ୍ରାଣୀ ପରିଚାଳନା କାର୍ଯ୍ୟ ହୋଇଆସୁଅଛି। କ୍ଷତିପୂରକ ବନୀକରଣ ଆଇନ-୨୦୧୬ ଏବଂ କ୍ଷତିପୂରକ ବନୀକରଣ ନିୟମ-୨୦୧୮ ପ୍ରଚଳନ ହେବା ପରେ, କ୍ଷତିପୂରକ ବନୀକରଣ , ନିଟ୍ ମୂଲ୍ୟ ବନୀକରଣ , ଜଙ୍ଗଲ ବନ୍ୟଜୀବଙ୍କ ସୁରକ୍ଷା , ସିଲଭି-କଲଚରାଲ କାର୍ଯ୍ୟକ୍ରମ, ଜଙ୍ଗଲ ନିଆଁ ପରିଚାଳନା, ଜଙ୍ଗଲ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି , ବନ ଅନୁସନ୍ଧାନ, ପ୍ରଶିକ୍ଷଣ, ବନ ସଚେତନତା ଇତ୍ୟାଦି କାର୍ଯ୍ୟ, ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯାଇ ଜାତୀୟ କାମ୍ପାଙ୍କ ଅନୁମୋଦନ ସହ କାର୍ଯ୍ୟାନ୍ୱୟନ କରାଯାଉଛି।

ବିଗତ ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ ୩୩୧୪୨ ହେ. ପରିମିତ ଜଙ୍ଗଲ ଅଞ୍ଚଳରେ (କ୍ଷତି ପୂରକ ବନୀକରଣ ୨୦୬୩.୦୦ ହେକ୍ଟର + ନିଟ୍ ମୂଲ୍ୟ ବନୀକରଣ ୩୧,୦୭୯ ହେକ୍ଟର) ୧.୭୪୨୧ କୋଟି ଚାରା ରୋପଣ କରାଯାଇଛି।



ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ କାମ୍ପା ଓଡ଼ିଶା ଦ୍ୱାରା ସର୍ବମୋଟ ୩୮୯୫୬ ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷରୋପଣ କାର୍ଯ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି (କ୍ଷତି ପୂରକ ବନୀକରଣ ୭୮୭୭ ହେକ୍ଟର + ନିଟ୍ ମୂଲ୍ୟ ବନୀକରଣ ୩୧.୦୭୯ ହେକ୍ଟର) ଏବଂ ଏଥିରେ ୧.୫୮୬୨ କୋଟି ଚାରା ରୋପଣ କରାଯିବ।



ANR Plantationin Hatimunda RF under CAMPA, Nayagarh Forest Division



Baldhill Plantation under CAMPA, Balliguda Forest Division

## ବନୀକରଣ କାର୍ଯ୍ୟ ୨୦୨୩-୨୪

### NPV (ନିଟ୍ ବର୍ତ୍ତମାନ ମୂଲ୍ୟ)

### ଏ.ଏନ୍.ଆର. - ୧୭,୧୯୭ ହେକ୍ଟର

- ରେଶମ ଚାଷ ଉପଯୋଗୀ ବୃକ୍ଷରୋପଣ : ୧୯୦ ହେକ୍ଟର
- ଫଳ ଓ ଖାଦ୍ୟ ବୃକ୍ଷ ରୋପଣ : ୮୧୭ ହେକ୍ଟର
- ବିରଳ ଓ ଶଙ୍କାଗ୍ରସ୍ତ ତଥା ଔଷଧୀୟ ବୃକ୍ଷ ରୋପଣ : ୩୬୧୫ ହେକ୍ଟର
- ଅନ୍ୟାନ୍ୟ ସ୍ଥାନୀୟ ପ୍ରଜାତିର ବୃକ୍ଷ ରୋପଣ : ୧୨୫୭୫ ହେକ୍ଟର

### ଏ.ଆର. - ୧୬୭୨.୫ ହେକ୍ଟର

- ଅର୍ଥକାରୀ ବୃକ୍ଷରୋପଣ : ୨୦ ହେକ୍ଟର
- ସ୍ଥାନୀୟ ପ୍ରଜାତିର ବୃକ୍ଷ ରୋପଣ : ୭୫୮ ହେକ୍ଟର
- ଫାଶୀ ବୃକ୍ଷ ରୋପଣ : ୫ ହେକ୍ଟର
- ନଦୀପଠା ପୁନର୍ବିନ୍ୟାସ ବୃକ୍ଷ ଚାଷ : ୧୧୫ ହେକ୍ଟର
- ଝାଉଁ ଜଙ୍ଗଲ ସୃଷ୍ଟି : ୫୯.୫ ହେକ୍ଟର
- ହେନ୍ତାଳ ବନ : ୬୦.୦୦ ହେକ୍ଟର
- ଫଳ ଓ ଗୋ-ଖାଦ୍ୟ ବୃକ୍ଷରୋପଣ : ୩୮ ହେକ୍ଟର

## (CA/PCA) କ୍ଷତିପୂରକ ବନୀକରଣ, ଦଣ୍ଡାତ୍ମକ କ୍ଷତିପୂରକ ଇତ୍ୟାଦି ବନୀକରଣ

ବୃକ୍ଷରୋପଣ – ୪୬୬୫.୫୬ ହେକ୍ଟର ଏବଂ ଉଚ୍ଚ ଚାରା (Tall Tree) ରୋପଣ – ୧୩୨୫୦ ସଂଖ୍ୟା

- ଏ.ଏନ୍.ଆର୍. ବୃକ୍ଷରୋପଣ : ୧୨୧୮.୧୧୮ ହେକ୍ଟର
- ଏ.ଆର୍. ବୃକ୍ଷରୋପଣ : ୧୮୩.୬୭୪ ହେକ୍ଟର
- ଲଣ୍ଡା ପାହାଡ଼ ବୃକ୍ଷରୋପଣ : ୩୯୩.୦୬୭ ହେକ୍ଟର
- ଏ.ଏନ୍.ଆର୍. (ଗ୍ୟାପ ବିହୀନ) : ୧୫୯.୩୨ ହେକ୍ଟର
- ସହରାଞ୍ଚଳରେ ଉଚ୍ଚ ଚାରା ରୋପଣ : ୧୦୮.୮୨୯ ହେକ୍ଟର ଓ ୨୯୩୪୬ ଟି ଚାରା ରୋପଣ

## ଅନ୍ୟାନ୍ୟ କାର୍ଯ୍ୟ (APO 2023-24)

- ଜଙ୍ଗଲ ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟ ଅନ୍ତର୍ଗତ ଅନୁସନ୍ଧାନମୂଳକ ବଗିଚା ଓ ପୂର୍ବ କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ, ଯଥା Research, Tree Improvement Program, Q.P.M. ଉତ୍ପାଦନ।
- ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ : ୧୫,୪୨୭ ହେକ୍ଟର
- ୨.୮୩ କୋଟି ସଂଖ୍ୟକ ୧୮ ମାସ ଅବଧି ଯୁକ୍ତ ଚାରାର ରକ୍ଷଣାବେକ୍ଷଣ ଓ ୧.୪୭ କୋଟି ସଂଖ୍ୟକ ଉକ୍ତ ଅବଧିର ନୂତନ ଚାରା ପ୍ରସ୍ତୁତ ପାଇଁ କାର୍ଯ୍ୟ କରାଯାଇଅଛି।



*AR plantation at Dhadi DPF, Odagaon under CAMPA Nayagarh Forest Division*



*Baldhill Planatation Kurala CAMPA Nayagarh Forest Division*



**3rd year Bald Hill Plantation Guchhuka over 10ha under CAMPA of Belghar Range**

## ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)

୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଭୁବନେଶ୍ୱର ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡିଆରେ ତା-୦୫-୧୨-୨୦୨୩ ଠାରୁ ତା-୧୧-୧୨-୨୦୨୩ ପର୍ଯ୍ୟନ୍ତ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ୧୩୦ ଗୋଟି ଷ୍ଟଲ କରାଯାଇଥିଲା ଏବଂ ଏହି ମେଳାରେ ବିଭିନ୍ନ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀ, ପାରମ୍ପରିକ ଚିକିତ୍ସକ, ସ୍ୱୟଂ ସହାୟକ ଗୋଷ୍ଠୀ, ବନସ୍ପତି କ୍ରେତା ଏବଂ ବିଭିନ୍ନ ସରକାରୀ ଅନୁଷ୍ଠାନ ମାନ ଭାଗନେଇଥିଲେ । ଏଥି ସହିତ ପାରମ୍ପରିକ ଚିକିତ୍ସକମାନଙ୍କ ନିମନ୍ତେ କର୍ମଶାଳା, ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ତାହାର ନିରାକରଣ ସମ୍ବନ୍ଧିୟ କର୍ମଶାଳା ଏବଂ ଆୟୁର୍ବେଦ ଓ ହୋମିଓପାଥିକ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ନେଇ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ଚାଷ ପଦ୍ଧତି ଓ ବ୍ୟବହାର ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

ରାଉରକେଲା, ଫୁଲବାଣୀ ଓ କେଉଁଝର ବନଖଣ୍ଡ ଆନୁକୂଲ୍ୟରେ ୩ ଗୋଟି ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆୟୋଜନ କରାଯାଇଥିଲା । ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା "Medicinal Plants used by Tribes of Odisha" ନାମକ ଏକ ପୁସ୍ତକ ପ୍ରକାଶିତ କରାଯାଇ ଜଙ୍ଗଲ ବିଭାଗର ବିଭିନ୍ନ ପଦାଧିକାରୀ ଏବଂ ବିଭିନ୍ନ ଔଷଧୀୟ ଉଦ୍ଭିଦ ଅନୁସନ୍ଧାନ ସଂସ୍ଥାମାନଙ୍କୁ ବଣ୍ଟନ କରାଯାଇଥିଲା ।

ଆୟୁଷ ମନ୍ତ୍ରାଳୟ, ଭାରତ ସରକାରଙ୍କର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ତା ୦୬-୦୬- ୨୦୨୩ ରିଖ ଦିନ "ମିଶନ ମେରୀ ଲାଇଫ" ଶପଥ ପାଠ ପାତ୍ରପଡା ସ୍ଥିତ ଔଷଧୀୟ ଉଦ୍ଭିଦ ଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନିମ୍ନଲିଖିତ ବିଷୟ ଉପରେ ଶପଥପାଠ କରାଯାଇଥିଲା ।

୧. ଔଷଧୀୟ ଉଦ୍ଭିଦର ବ୍ୟବହାର ଓ ଚାଷକୁ ପ୍ରାଧାନ୍ୟ ଦେବା ।

୨.   ପ୍ଲାଷ୍ଟିକ ବ୍ୟବହାରକୁ କମ କରିବା।

୩.   ଘରୋଇ ବର୍ଜ୍ୟବସ୍ତୁ ଓ ବାହ୍ୟ ବର୍ଜ୍ୟବସ୍ତୁକୁ ଖତ ପ୍ରସ୍ତୁତ କରି ବ୍ୟବହାର କରିବା।





*16th State level Kalinga Herbal Fair was organised at IDCO Exhibition Ground, Unit - III , Bhubaneswar from 5th to 11th December, 2023*

## ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ଏକ ରାଜ୍ୟସ୍ତରୀୟ ସଂସ୍ଥା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା- ଓଡ଼ିଶା ରାଜ୍ୟରେ ବାଉଁଶ କ୍ଷେତ୍ରର ଉନ୍ନତି କରଣ ଓ ଏହି ସଂସ୍ଥା ମୁଖ୍ୟତଃ ଓଡ଼ିଶାରେ (୧) ବ୍ୟବସାୟିକ ଭିତ୍ତିରେ ବାଉଁଶ ଚାଷ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରାଇବା (୨) ଅତ୍ୟାଧୁନିକ ବୈଷୟିକଜ୍ଞାନ କୌଶଳ ପ୍ରୟୋଗ କରି ବାଉଁଶ ଭିତ୍ତିକ ବିଭିନ୍ନ କିସମର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରୁଅଛି ଓ ଏହି ସଂସ୍ଥା ବିଶେଷତଃ ଚାଷୀ ମାନଙ୍କ ଲାଭ ସହିତ ଏହି କ୍ଷେତ୍ରରେ ନିୟୋଜିତ ହୋଇଥିବା ଆଦିବାସୀ ଓ ଗରିବ ଲୋକ ମାନଙ୍କର ଜୀବନ ଜୀବିକା ଏବଂ ମହିଳା ସଶକ୍ତି କରଣ ପ୍ରତି ଧ୍ୟାନ ଦେଇଥାଏ ଓ ଏହା ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଅଂଶଧନକୁ ପୁନଃ ଗଠିତ ଜାତୀୟ ବାଉଁଶ ମିଶନ ମାଧ୍ୟମରେ ବିନିଯୋଗ କରାଯାଇଥାଏ। ଉକ୍ତ କାର୍ଯ୍ୟକ୍ରମ ୨୦୧୮-୧୯ ବର୍ଷ ଠାରୁ ଆରମ୍ଭ ହୋଇଅଛି।

### ପ୍ରମୁଖ ସଫଳତା ୨୦୨୩-୨୪

- ❖ ୨୦୨୩-୨୪ ମସିହାରେ କୃଷକମାନଙ୍କ ଜମିରେ ବାଉଁଶ ଲଗାଇବା ପାଇଁ ୩ ଗୋଟି ହାଇ-ଟେକ୍ ନର୍ସରୀ, ୬ ଗୋଟି ବୃହତ ନର୍ସରୀ, ୬ ଗୋଟି ଛୋଟ ନର୍ସରୀ ଏବଂ ଘରୋଇ କ୍ଷେତ୍ର ଅଧୀନରେ ଗୋଟିଏ ବଡ ନର୍ସରୀ ସର୍ବମୋଟ ୧୬ ଗୋଟି ବାଉଁଶ ନର୍ସରୀ ମାଧ୍ୟମରେ ୧,୮୯,୦୩୭ ଟି ବାଉଁଶ ଚାରା ଉତ୍ପାଦନ କରାଯାଇଥିଲା।
- ❖ ଲାଭାର୍ଥୀ କୃଷକମାନଙ୍କ ଦ୍ୱାରା ୧୬୭.୭୯ ହେକ୍ଟର ଜମିରେ ବାଉଁଶ ଚାରା ରୋପଣ କରାଯାଇଛି।

- ଖୋର୍ଦ୍ଧା ଜିଲ୍ଲା ଅଧୀନ ଛତାବର ଠାରେ ଗାଟିଏ ବାଉଁଶ କାରିଗର ତାଲିମ ଶିବିର ଆୟୋଜନ ହୋଇଥିଲା, ଯେଉଁଥିରେ ୨୭ ଜଣ ବାଉଁଶ କାରିଗର ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ଜିଲା ଅଧୀନରେ ସନ୍ତପୁର ଠାରେ ମଧ୍ୟ ଅନ୍ୟଏକ ବାଉଁଶ କାରିଗର ତାଲିମ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ୨୬ ଜଣ ବାଉଁଶ କାରିଗର ଅଂଶଗ୍ରହଣ କରିଥିଲେ।

## ପ୍ରମୁଖ ଲକ୍ଷ୍ୟ ୨୦୨୪- ୨୦୨୫ ପାଇଁ

- ବାଉଁଶ ଚାଷ ପାଇଁ ୧୬ଟି ବାଉଁଶ ଚାରା ଉତ୍ପାଦନ କେନ୍ଦ୍ର ମାଧ୍ୟମରେ ୪୨,୫୩୪ ସଂଖ୍ୟକ ବାଉଁଶ ଚାରା ଉତ୍ପାଦନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି।
- ୧୦୨ ହେକ୍ଟର ଜମିରେ ବାଉଁଶ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।
- ବୌଦ୍ଧ ବନଖଣ୍ଡ ଅଧୀନ ସିନ୍ଧୁରପୁର ଠାରେ ବାଉଁଶ ହସ୍ତତନ୍ତ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର ନିର୍ମାଣାଧୀନ ରହିଅଛି। ଏହା ବ୍ୟତୀତ ବାଉଁଶ ଟ୍ରିଟମେଣ୍ଟ ଏବଂ ସିଜନିଙ୍ଗ ୟୁନିଟ, ବାଉଁଶ ଉପକରଣ ତିଆରି ପ୍ରତିଷ୍ଠାନ, ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପ, ସାଧାରଣ ସୁବିଧା ଉପଲବ୍ଧ  କେନ୍ଦ୍ର ପ୍ରତିଷ୍ଠାନ (CFC), ଗ୍ରାମ୍ୟ ବାଉଁଶ ହାଟ, ବାଉଁଶ ତାଲିମ ଯୋଜନା, ଜାତୀୟ / ଆନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ ଘରୋଇ ବାଣିଜ୍ୟ ମେଳାରେ ଭାଗ ନେବାକୁ ସ୍ଥିରୀକୃତ ହୋଇଅଛି।



*One Month Artisan Training Programme at Chattabar, Khordha  from 18.07.2023 to 22.08.2023.*



*Sankhabhanga Hi-Tech Nursery of OBDA under DFO, Baripada Forest Division.*

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୨୦୨୩-୨୪ ଆର୍ଥିକ ବର୍ଷରେ ସମ୍ପାଦନ କରାଯାଇଥିବା କାର୍ଯ୍ୟକ୍ରମ :

- ଏହି ଯୋଜନା ଅନ୍ତର୍ଭୁକ୍ତ ବନୀକରଣ କାର୍ଯ୍ୟସାରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଯୋଜନା/ଉପାଦାନର ନାମ | ବନୀକରଣ କରାଯାଇଥିବା ଜଙ୍ଗଲ ଜମିର ଆୟତନ (ହେକ୍ଟର / ରୋ କିଲୋମିଟର / ଲକ୍ଷ ହିସାବରେ) |
|---|---|
| ସଘନ ବନୀକରଣ (AR) | ୫୯୫ |
| ପ୍ରାକୃତିକ ଜଙ୍ଗଲର ପୁନଃସୃଜନ (ANR) | ୩୬୧୬ |
| ପଥପାର୍ଶ୍ୱ ବନୀକରଣ (ରୋ କିଲାମିଟର) | ୩୦୨୨ |
| ରୋପିତ ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) | ୨୪.୦୭ |
| ବିତରଣ କରାଯାଇଥିବା ବୃକ୍ଷଚାରାର ସଂଖ୍ୟା (ଲକ୍ଷ ହିସାବରେ) | ୯୯.୧୦ |
| ମୋଟ ସୃଷ୍ଟି ହାଇଥିବା ଶ୍ରମ ଦିବସ (ଲକ୍ଷ ହିସାବରେ) | ୩୭.୨୬ |



*Avenue plantation under MGNREGS, Balliguda Forest Division*


## କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR) ଅଧୀନରେ ଓଡ଼ିଶା ଖଣି ନିଗମ (OMC) ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇ ପ୍ରତି ବର୍ଷ ୬୨୫ ହେକ୍ଟର ଖଣି ଖନନ ଦ୍ୱାରା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସଘନ ବନୀକରଣ କରାଯାଉଅଛି । ଏହି ଯୋଜନା ୨୦୨୩-୨୪ ଆର୍ଥିକ ବର୍ଷରେ ୧୫ ଗୋଟି ବନଖଣ୍ଡରେ କାର୍ଯ୍ୟକାରୀ ହୋଇଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ୧୨ ଗୋଟି ବନଖଣ୍ଡରେ କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତାବ ରହିଅଛି ।

“एक पेड माँ के नाम”

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
## (Odisha Forestry Sector Development Society) (OFSDS)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫ୍‌ଏସ୍‌ଡ଼ିଏସ୍) ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ଏବଂ ସ୍ୱୟଂଶାସିତ ସଂସ୍ଥା । ସମ୍ପ୍ରତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ ତିନିଗୋଟି ପ୍ରକଳ୍ପ ଯଥା : ଆମ ଜଙ୍ଗଲ ଯୋଜନା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ) ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ – ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଜୀବିକା ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଅଛି । ୨୦୦୬-୦୭ ବର୍ଷରୁ ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ (OFSDP - Phase-I) ସମିତି ମାଧ୍ୟମରେ କାର୍ଯ୍ୟକାରୀ ହୋଇଅଛି । ପ୍ରତ୍ୟେକ ଯୋଜନାର ଅଗ୍ରଗତି ବିବରଣୀ ସଂକ୍ଷେପରେ ନିମ୍ନରେ ପ୍ରଦାନ କରାଗଲା ।






#Plant4Mother

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ (OFSDP - Phase-II)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ (ବନାୟନ) ଜାପାନ ଆର୍ନ୍ତଜାତିକ ସହାୟତା ସଂସ୍ଥା (JICA)ର ଋଣ ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହଯୋଗରେ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ଓଡ଼ିଶାର ୧୦ ଗୋଟି ଜିଲ୍ଲାର ୧୪ଗାଟି ବନଖଣ୍ଡରେ କାର୍ଯ୍ୟକାରୀ ହେଉଅଛି। ଏହି ପ୍ରକଳ୍ପର ଅବଧି ଦଶ ବର୍ଷ; ଅର୍ଥାତ ୨୦୧୭-୧୮ ରୁ ୨୦୨୬-୨୭ ପର୍ଯ୍ୟନ୍ତ ରହିଛି। ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ୧୦୦୦.୩ କୋଟି ଟଙ୍କା ଓ ସେଥି ମଧ୍ୟରୁ JICAର ଆର୍ଥିକ ଋଣ ସହାୟତା ୮୪୮.୬ କୋଟି ଟଙ୍କା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନ ୧୫୧.୭ କୋଟି ଟଙ୍କା।

ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ସଂରକ୍ଷଣ, ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀଙ୍କର ଜୀବନ ଜୀବିକାର ମାନବୃଦ୍ଧି କରାଯିବା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ ରାଜ୍ୟର ୫୦ଗୋଟି ବନାଞ୍ଚଳ ଅନ୍ତର୍ଗତ ୧୨୧୧ଟି ବନ ସୁରକ୍ଷା ସମିତିକୁ ପ୍ରକଳ୍ପରେ ସାମିଲ କରି ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ନିରନ୍ତର ଜଙ୍ଗଲ ପରିଚାଳନା ସହିତ ୪୪୦୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ବିକଳ୍ପ ଜୀବିକା ସହାୟତା କାର୍ଯ୍ୟକ୍ରମ କରାଯାଉଅଛି। ଏହା ଦ୍ୱାରା ୩.୨୮ ଲକ୍ଷ ବନ ସୁରକ୍ଷା ସମିତି ସଭ୍ୟା ଉପକୃତ ହୋଇପାରିଛନ୍ତି। ଅଦ୍ୟାବଧି ୨୦୧୮-୧୯ ଆର୍ଥିକ ବର୍ଷରୁ ୨୦୨୩ - ୨୪ ଆର୍ଥିକ ବର୍ଷ (ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ) ପ୍ରକଳ୍ପ ଦ୍ୱାରା ୪୦ ଗୋଟି ବିଭିନ୍ନ ବିଭାଗ ସହ ଆନ୍ତଃ ବିଭାଗୀୟ ସଂଯୋଗୀକରଣ କାର୍ଯ୍ୟ ମାଧ୍ୟମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନସୁରକ୍ଷା ସମିତିରେ ୫୦୩.୫୩ କୋଟି ଟଙ୍କାର ଜୀବିକାଭିତ୍ତିକ ସହାୟତା ୨୦.୦୧ ଲକ୍ଷ ସଦସ୍ୟଙ୍କୁ ପ୍ରଦାନ କରାଯାଇଅଛି। ଏତଦବ୍ୟତୀତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପରେ ମୋଟ ୧୨୧୦ ଗୋଟି ବନ ସୁରକ୍ଷା ସମିତିର ପକ୍କା ଗୃହ ଅଦ୍ୟାବଧି ନିର୍ମାଣ କରାଯାଇଅଛି, ଯାହା ବନ ସୁରକ୍ଷା ସମିତିର କାର୍ଯ୍ୟ ପରିଚାଳନା ଓ ବିବିଧ ବ୍ୟବହାର ନିମନ୍ତେ ବ୍ୟବହୃତ ହେଉଛି। ଜୀବନ ଜୀବିକା ଅଭିବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ଜଙ୍ଗଲ ସନ୍ନିକଟ ଅଧିବାସୀ ମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ବନାୟନ ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାରେ ବାରିପଦା, କରଞ୍ଜିଆ ଏବଂ ରାଇରଙ୍ଗପୁର ବନଖଣ୍ଡ ମାନଙ୍କରେ ୩ ଗୋଟି ଶାଳପତ୍ର ଉତ୍ପାଦ ପୁଞ୍ଜି (Sal leaf product cluster), ବୌଦ୍ଧ ବନଖଣ୍ଡରେ ଡାଲି ଉତ୍ପାଦ ପୁଞ୍ଜି (Pulses cluster), ଢେଙ୍କାନାଳ ବନଖଣ୍ଡରେ କାଜୁ ଉତ୍ପାଦ ପୁଞ୍ଜି (cashew cluster) ଓ ଝାରସୁଗୁଡା ବନଖଣ୍ଡରେ ଲେମନ ଗ୍ରାସ ଉତ୍ପାଦ ପୁଞ୍ଜି (lemon grass cluster) ଗଠନ ହୋଇଅଛି। ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଓ ଅତି ଗରିବ ବ୍ୟକ୍ତି ମାନଙ୍କ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରକଳ୍ପ ପରିଚାଳନା ସଂସ୍ଥା ଅଧୀନରେ ଏକ ଜୀବିକା ସାଧନ କକ୍ଷ ପ୍ରତିଷ୍ଠା କରାଯାଇଛି।

ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ, ଯଥା ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ ଓ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ମୋଟ ୧୨୧୧ଟି ବନ ସୂରକ୍ଷା ସମିତିରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସେହିପରି, ନିରନ୍ତର ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ଅଧୀନରେ ବର୍ତ୍ତମାନ ପର୍ଯ୍ୟନ୍ତ ୬,୨୮୬ ହେକ୍ଟର ବନୀକରଣ ଏବଂ ୫୧,୦୦୬ ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର

କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । କୃଷି ଭିତ୍ତିକ ବନୀକରଣ ମାଧ୍ୟମରେ ୨୦୨୩-୨୪ ଆର୍ଥିକ ବର୍ଷରେ ମାର୍ଚ୍ଚ ମାସ ସୁଦ୍ଧା ୧୭,୦୨୭ ହିତାଧିକାରୀଙ୍କ ୭୮୭୪ ହେକ୍ଟର ପଡ଼ିଆ ଜମିରେ ଚାରା ରୋପଣ କରାଯାଇଅଛି । ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୩-୨୪ ଆର୍ଥିକ ବର୍ଷରେ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳ ଗୁଡିକରେ ସମୁଦାୟ ୧୫୦୪.୫ ହେକ୍ଟର ଜଙ୍ଗଲ ଅଞ୍ଚଳରେ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ଓ ୭୫୬.୨୯ ହେକ୍ଟର ଜଙ୍ଗଲ ଅଞ୍ଚଳରେ ବିଭାଗୀୟ ପରିଚାଳନା ପଦ୍ଧତିରେ ମୃର୍ତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପାଦିତ ହୋଇଛି । ଏହାଛଡା ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ଅଦ୍ୟାବଧି ୧୭୧୦.୩୯ କି.ମି. ଦୀର୍ଘ ଅଗ୍ନି ନିରୋଧ ରେଖା ସୃଷ୍ଟି କରାଯିବା ସହିତ ଏହାର ରକ୍ଷଣାବେକ୍ଷଣ କରାଯାଇଅଛି ।

ଜୈବ ବିବିଧତା ପରିଚାଳନା ପ୍ରୟୋଗ ଅନ୍ତର୍ଭୁକ୍ତ ନିରନ୍ତର ଜୈବ ବିବିଧତା ପରିଚାଳନା ଯୋଜନା ଅଧୀନରେ ୨ଟି ବନ୍ୟପ୍ରାଣୀ ବନଖଣ୍ଡ ଯଥା-ବାମରା ଓ ରାଜନଗରକୁ ଅର୍ନ୍ତଭୁକ୍ତ କରାଯାଇଛି । ସାତାୟାମା ଭୂଭାଗ ପରିଚାଳନା ଯୋଜନାଟି (Satoyama Initiative) ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ୧୦ ଗୋଟି ପରିବେଶ ଉନ୍ନୟନ ସମିତି (EDC) ମାଧ୍ୟମରେ ବଡରମା ବନ୍ୟଜୀବ ଆବାସସ୍ଥଳୀରେ କାର୍ଯ୍ୟକାରୀ ହେଉଛି । ରାଜନଗର ବନଖଣ୍ଡ ଅନ୍ତର୍ଗତ ଭିତରକନିକା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ NCSCM (ଚେନ୍ନାଇ/Chennai) ଦ୍ୱାରା ଦୀର୍ଘସୂତ୍ରୀ ବିଜ୍ଞାନ ସମ୍ମତ ଅନୁଧ୍ୟାନ ଯୋଜନା କାର୍ଯ୍ୟକାରୀ ହେବା ସହ ଭିତରକନିକା ଅଭୟାରଣ୍ୟ ଅଞ୍ଚଳ ସମୂହର ତିନି ଗୋଟି ପରିବେଶ ସ୍ୱାସ୍ଥ୍ୟ ରିପୋର୍ଟକାର୍ଡ ପ୍ରସ୍ତୁତ କରାଯାଇଅଛି । ଦକ୍ଷତା ବିକାଶକାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପ ଅଧୀନସ୍ଥ ବନଖଣ୍ଡ ଓ ବନାଞ୍ଚଳ ସ୍ତରରେ କାର୍ଯ୍ୟରତ କର୍ମଚାରୀ ଓ ଅଂଶୀଦାର ମାନଙ୍କୁ ପ୍ରକଳ୍ପର ବିଭିନ୍ନ ଉପାଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ତାଲିମ ପ୍ରଦାନ କରାଯାଉଅଛି । ମାର୍ଚ୍ଚ ୨୦୨୪ ସୁଦ୍ଧା ସମୁଦାୟ ୪୬୯୯ଟି ତାଲିମ କାର୍ଯ୍ୟକ୍ରମ ସବୁ ସ୍ତରରେ ସମ୍ପନ୍ନ କରାଯାଇ ୧,୯୩,୪୩୧ ହିତାଧିକାରୀଙ୍କର ଦକ୍ଷତା ବିକାଶ କରାଯାଇଛି ।

## ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଜଙ୍ଗଲ ଉନ୍ନୟନ ଭିତ୍ତିକ ଏବଂ ବନୀକରଣ କାର୍ଯ୍ୟକ୍ରମ



କରଞ୍ଜିଆ ବନଖଣ୍ଡ ଯମୁଖଞ୍ଜରୀ ବନ ସୁରକ୍ଷା ସମିତି ଅଧୀନରେ କୃତ୍ରିମ ବନୀକରଣ



ଘୁମୁସୁର ଦକ୍ଷିଣ ବନଖଣ୍ଡର ବାଘଲିଙ୍ଗି ବନ ସୁରକ୍ଷା ସମିତି ଅଧୀନରେ କୃତ୍ରିମ ବନୀକରଣ







ବାରିପଦା ବନଖଣ୍ଡ ଅଧୀନରେ ବେତନଟୀ ବନାଞ୍ଚଳର ବାଘବସା ବନ ସୁରକ୍ଷା ସମିତିରେ କୃତ୍ରିମ ବନୀକରଣ କାର୍ଯ୍ୟକ୍ରମ





କରଞ୍ଜିଆ ବନଖଣ୍ଡର ଠାକୁରମୁଣ୍ଡା ବନାଞ୍ଚଳ ଅଧୀନରେ ପିଟିବଲ ବନସୁରକ୍ଷା ସମିତି ଅଧୀନରେ ଜାଳେଣୀ ଭିତ୍ତିକ ବନୀକରଣ





ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ବନଖଣ୍ଡରେ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ ଓ ଜଳ ନିଷ୍କାସନ ଉପଚାର କାର୍ଯ୍ୟକ୍ରମ

## ଆମ ଜଙ୍ଗଲ ଯୋଜନା (AJY)

'ଆମ ଜଙ୍ଗଲ ଯୋଜନା' ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି। ନିରନ୍ତର ଜଙ୍ଗଲ ପରିଚାଳନା ସହିତ ଜଙ୍ଗଲ ଅଧ୍ୟୁଷିତ ଗ୍ରାମବାସୀଙ୍କ ପାଇଁ ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୬-୧୭ ମସିହାରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ଅଦ୍ୟାବଧି ୪୬୦୧ ଗୋଟି ବନ ସୁରକ୍ଷା ସମିତି (VSS) ଉପକୃତ ହୋଇ ପାରିଛନ୍ତି। ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ ମାଧ୍ୟମରେ ୧୪,୨୬୩ ଗୋଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ ସହିତ ସଂଯୁକ୍ତ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅବଧି ଶେଷ ହୋଇଅଛି ଏବଂ ଏହି ପ୍ରକଳ୍ପର ଅବଧିକୁ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସଂପ୍ରସାରଣ କରିଛନ୍ତି।

୨୦୨୪ ମସିହା ମାର୍ଚ୍ଚ ମାସ ସୁଦ୍ଧା ୨୩ ଗୋଟି ବନଖଣ୍ଡ ଅନ୍ତର୍ଗତ ୨,୦୯,୫୪୩ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷ ରୋପଣ ବିନା ପୁନର୍ଜନନ (ANR without gap) ଓ ୧୮ ଗୋଟି ବନଖଣ୍ଡରେ ୧୯,୯୭୫ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷ ରୋପଣ ସହିତ ଉଜୁଡ଼ା ଜଙ୍ଗଲର ପୁନର୍ଜନନ (ANR with gap) କାର୍ଯ୍ୟକ୍ରମ କରାଯାଇଅଛି। ଏତଦ୍ ବ୍ୟତୀତ ୧୨ ଗୋଟି ବନଖଣ୍ଡ ଅନ୍ତର୍ଗତ ୧୦୦୫ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ କୃତ୍ରିମ ବୃକ୍ଷରୋପଣ (Block Plantation) କରାଯାଇଅଛି। ଏଥିସହିତ ୪୬୦୧ ଗୋଟି ବନ ସୁରକ୍ଷା ସମିତିରେ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ, ଜଗାରଖା, ଲତା କଟେଇ, ନିଆଁ ଦାଉରୁ ରକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ଇତ୍ୟାଦି ସହିତ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ, ଯଥା ଚେକ ଡ୍ୟାମ, ଟ୍ରେଞ୍ଚ ଓ ପଥରବନ୍ଧ ଇତ୍ୟାଦି କରାଯାଇଅଛି। ବିଗତ ବର୍ଷ ମାନଙ୍କରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗ୍ରାମ ସମୂହରେ VSS ସଭ୍ୟ ଏବଂ ପ୍ରକଳ୍ପ କର୍ମଚାରୀ ମାନଙ୍କର ସମୟୋପଯୋଗୀ ପଦକ୍ଷେପ ଦ୍ୱାରା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ସଫଳ ଭାବରେ ନିୟନ୍ତ୍ରଣ କରାଯାଇପାରିଛି। ୧୫ ଗୋଟି ବେସରକାରୀ ସଂସ୍ଥା ସହାୟତାରେ ତୃଣମୂଳ ସ୍ତରରେ ଗୋଷ୍ଠୀ ସଂଗଠନ, ପରିଚାଳନା ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ସଂପାଦନ କରାଯାଉଅଛି। ପ୍ରକଳ୍ପ ମାଧ୍ୟମରେ ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବନ ସୁରକ୍ଷା ସମିତି ଗୁଡ଼ିକରେ ୯୬୨.୪୮ କୋଟି ଟଙ୍କା, ୩୯ ଗୋଟି ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନା ମାଧ୍ୟମରେ ୩୦,୭୨,୯୭୬ ଜଣ ହିତାଧିକାରୀଙ୍କୁ ଜୀବିକା ଉନ୍ନୟନ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି। ଏତଦ୍ ବ୍ୟତୀତ ସ୍ଥାନୀୟ ଅଧିବାସୀ ମାନଙ୍କର ଜୀବିକାର ବିକାଶ ଓ ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ମାଧ୍ୟମରେ ୧୪,୨୬୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ମାନେ ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି।





କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କାଣ୍ଡିଗୁଡ଼ା ଏବଂ ଗୋପୀନାଥପୁର ବନ ସୁରକ୍ଷା ସମିତିରେ ନୂତନ ବନୀକରଣର ରକ୍ଷଣାବେକ୍ଷଣ





କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ସୁନ୍ଦରା ଏବଂ ଗୋପୀନାଥପୁର ବନ ସୁରକ୍ଷା ସମିତିରେ ନୂତନ ବନୀକରଣର ରକ୍ଷଣାବେକ୍ଷଣ



ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ କାନ୍ଦିଲି ବନ ସୁରକ୍ଷା ସମିତିରେ ବନୀକରଣର ରକ୍ଷଣାବେକ୍ଷଣ



କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଖଜୁରୀବଣି ବନ ସୁରକ୍ଷା ସମିତିରେ ବନୀକରଣ ବିନା ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟର ତଦାରଖ

## OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS) ଓ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (OMBADC) ର ମିଳିତ ସହଯୋଗରେ ପାଞ୍ଚଗୋଟି ବନ ଏବଂ ବନ୍ୟପ୍ରାଣୀ ବନଖଣ୍ଡର ୨୫ ଗୋଟି ବନାଞ୍ଚଳରେ ଏହି ଜୀବିକା ଉନ୍ନୟନ ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଅଛି। ଖଣିଜ ପଦାର୍ଥ ସମ୍ପନ୍ନ ଅଞ୍ଚଳର ଜଙ୍ଗଲ ଅଧିବାସୀମାନେ ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିର ପ୍ରଭାବକୁ ବିକଳ୍ପ ଜୀବିକା ପ୍ରୋତ୍ସାହନକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ହ୍ରାସ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପର ଅବଧି ପାଞ୍ଚବର୍ଷ ୨୦୨୧-୨୨ ରୁ ୨୦୨୫-୨୬ ଏବଂ ଏହାର ମୋଟ ଖର୍ଚ୍ଚ ଅଟକଳ ୪୩.୪୩ କୋଟି ଟଙ୍କା, ଯାହା OMBADC ରୁ ପ୍ରାପ୍ତ ହେବାର ବ୍ୟବସ୍ଥା ରହିଛି। ସମୁଦାୟ ୯୦୦ଗୋଟି ବନ ସୁରକ୍ଷା ସମିତି / ପରିବେଶ ଉନ୍ନୟନ କମିଟିଙ୍କୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବନଖଣ୍ଡ ଗୁଡ଼ିକ ହେଲା - ରାଉରକେଲା, ବଣାଇ, କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ) ଓ ଦେବଗଡ଼।

ବନ ସଂରକ୍ଷଣ ସମିତି ସଦସ୍ୟ ମାନଙ୍କୁ ସଂଗଠିତ କରିବା, ଆୟବୃଦ୍ଧିକାରୀ କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ଦକ୍ଷତାର ବିକାଶ କରିବା, ଆବର୍ତ୍ତନ ପାଣ୍ଠି ଏବଂ ଅନ୍ତଃ ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ସହିତ ବିକଳ୍ପ ରୋଜଗାର ଉତ୍ସ ସୃଷ୍ଟିକରିବା ଭଳି କାର୍ଯ୍ୟକ୍ରମମାନ ପ୍ରକଳ୍ପ ଦ୍ୱାରା ସଂପାଦିତ ହେଉଅଛି। ୨୦୨୩-୨୪ ଆର୍ଥିକ ବର୍ଷସୁଦ୍ଧା ଅନ୍ତଃ ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିଭିନ୍ନ ବିଭାଗ ସହିତ ସଂଯୋଗ ସ୍ଥାପନ କରାଯାଇ ୪୬.୦୪ କାଟି ଟଙ୍କା ବିନିଯୋଗ କରାଯାଇଅଛି ଏବଂ ୧ ଲକ୍ଷ ୩ ହଜାର ୨୫୭ ଜଣ ବ୍ୟକ୍ତି ଉପକୃତ ହାଇଛନ୍ତି। ସେହିପରି  ଆବର୍ତ୍ତନ ପାଣ୍ଠିରୁ ୫ କୋଟି ୭୩ ଲକ୍ଷ ୪୮୦୦୦ ଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀ ସମ ଆଗ୍ରହୀ ଗୋଷ୍ଠୀ ଏବଂ ଗ୍ରାମର ଦରିଦ୍ରତମ ଅସହାୟ ବ୍ୟକ୍ତିଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ନିମିତ୍ତ ବନ ସଂରକ୍ଷଣ ସମିତି ଗୁଡିକ ଦ୍ୱାରା ଋଣ ହିସାବରେ ପ୍ରଦାନ କରାଯାଇଛି।

## ତାଳ ବୃକ୍ଷରୋପଣ

ରାଜ୍ୟ ସରକାର ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବଜ୍ରପାତ ଜନିତ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବିନିଯୋଗରେ ୧୯.୦୦ ଲକ୍ଷ ତାଳ ମଞ୍ଜି ରୋପଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି। ଏହା ପ୍ରତ୍ୟେକ ବନଖଣ୍ଡସ୍ଥ ଜଙ୍ଗଲ ବ୍ଲକ ସୀମାରେ ରୋପଣ କରାଯିବାର ବ୍ୟବସ୍ଥା ରହିଛି। ଏହାଦ୍ ଦ୍ୱାରା ନିମ୍ନଲିଖିତ ଉଦ୍ଦେଶ୍ୟ ସାଧିତ ହେବ।

୧. ବଜ୍ରପାତରୁ ସୁରକ୍ଷା

୨. ଜଙ୍ଗଲ ବ୍ଲକର ପରିମାଣର ସୁରକ୍ଷା

୩. ହାତୀ ମାନଙ୍କ ନିମନ୍ତେ ଖାଦ୍ୟର ବ୍ୟବସ୍ଥା

“एक पेड माँ के नाम”

## SCHEME WISE PLANTATION TARGET UNDER DIFFERENT SCHEMES FOR THE YEAR 2024-25

| Sl No | Name of the Component | Name of Scheme | Physical Target (In Hectare) | | | | Avenue Pltn (In RKM) | Raising of seedlings in lakh | QPM in lakh | Seedlings to be planted in lakh | Seedlings to be distributed in lakh |
|---|---|---|---|---|---|---|---|---|---|---|---|
| | | | AR in ha | ANR (With Gap Pltn) in ha | ANR without Gap Pltn Ha | Total in ha | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | AR Plantations | State Plan - IGC | 235.00 | | | 235.00 | | | | 3.76 | |
| 2 | Bald Hill Plantations | | 95.00 | | | 95.00 | | | | 1.52 | |
| 3 | ANR with Gap Plnt @200 plants | | | 2975.00 | | 2975.00 | | | | 5.95 | |
| 4 | ANR with Gap Plnt @500 plants | | | 50.00 | | 50.00 | | | | 0.25 | |
| 5 | Urban Tree Plantation in Lakh | | | | | | | | | 3.00 | |
| 6 | Raising of QPM | | | | | | | | 40.00 | | |
| 7 | Raising of 18 months old seedlings | | | | | | | 21.95 | | | |
| 8 | Distribution of 6 months seedlings in lakh | | | | | 0.00 | | | | | 41.98 |
| 9 | Distribution of 18 months seedlings in lakh | | | | | 0.00 | | | | | 55.09 |
| | Total State Plan - IGC | | 330.00 | 3025.00 | 0.00 | 3355.00 | 0.00 | 21.95 | 40.00 | 14.48 | 97.08 |
| 10 | AR Plantations | State Plan - GMM | 84.00 | | | 84.00 | | | | 1.34 | |
| 11 | Casuarina Plantation | | 72.00 | | | 72.00 | | | | 1.80 | |
| 12 | Bald Hill Plantations | | 65.00 | | | 65.00 | | | | 1.04 | |
| 13 | ANR with Gap Plantation @200 plants | | | 1260.00 | | 1260.00 | | | | 2.52 | |
| 14 | ANR with Gap Plantation @500 plants | | | 50.00 | | 50.00 | | | | 0.25 | |
| 15 | Urban Tree Plantation in Lakh | | | | | 0.00 | | | | 2.00 | |
| 16 | Raising of 18 month old seedlings | | | | | 0.00 | | 17.00 | | | |

#Plant4Mother

| Sl No | Name of the Component | Name of Scheme | Physical Target (In Hectare) | | | | Avenue Pltn (In RKM) | Raising of seedlings in lakh | QPM in lakh | Seedlings to be planted in lakh | Seedlings to be distributed in lakh |
|---|---|---|---|---|---|---|---|---|---|---|---|
| | | | AR in ha | ANR (With Gap Pltn) in ha | ANR without Gap Pltn Ha | Total in ha | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 17 | Distribution of 6 month seedlings in lakh | | | | | 0.00 | | | | | 60.61 |
| 18 | Distribution of 18 month seedlings in lakh | | | | | 0.00 | | | | | 40.69 |
| | Total State Plan - GMM | | 221.00 | 1310.00 | 0.00 | 1531.00 | 0.00 | 17.00 | 0.00 | 8.95 | 101.30 |
| 19 | AR Plantations | State Plan - CAMPA | 1672.50 | | | 1672.50 | | | | 26.63 | |
| 20 | ANR with Gap Plantations | | | 17197.00 | | 17197.00 | | | | 75.14 | |
| 21 | Current CA, PCA | | 1710.33 | 4456.44 | 43.00 | 6209.77 | | | | 36.28 | |
| 22 | Other CA, PCA | | 172.90 | 313.55 | 30.96 | 517.41 | | | | 3.39 | |
| 23 | Backlog CA, PCA | | 31.97 | 415.06 | | 447.03 | | | | 1.34 | |
| 24 | Other stipulation | | 79.65 | 317.54 | | 397.19 | 1.60 | | | 1.91 | |
| 25 | Tall Tree Plantataion | | | | | 0.00 | | | | 0.61 | |
| 26 | CATP | | 100.00 | 100.00 | | 200.00 | | | | 1.80 | |
| 27 | Prospecting of Minerals | | 31.59 | 72.75 | | 104.34 | | | | 0.65 | |
| 28 | Backing Other Stipulation | | | 65.65 | | 65.65 | | | | 0.13 | |
| | Total State Plan - CAMPA | | 3798.93 | 22937.99 | 73.96 | 26810.88 | 1.60 | 0.00 | 0.00 | 147.89 | 0.00 |
| 29 | AR Plantations through CSR | OMC | 375.00 | 0.00 | 0.00 | 375.00 | 0 | .00 | 0.00 | 6.00 | 0.00 |
| | Total - OMC & MCL | | 375.00 | 0.00 | 0.00 | 375.00 | 0 | .00 | 0.00 | 6.00 | 0.00 |

“एक पेड माँ के नाम”

| Sl No | Name of the Component | Name of Scheme | Physical Target (In Hectare) | | | | Avenue Pltn (In RKM) | Raising of seedlings in lakh | QPM in lakh | Seedlings to be planted in lakh | Seedlings to be distributed in lakh |
|---|---|---|---|---|---|---|---|---|---|---|---|
| | | | AR in ha | ANR (With Gap Pltn) in ha | ANR without Gap Pltn Ha | Total in ha | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 30 | AR Plantation | MGNREGS | 224.00 | | | 224.00 | | | | 3.58 | |
| 31 | ANR with Gap Plantation @ 200 plants | | | 4745.00 | | 4745.00 | | | | 9.49 | |
| 32 | Avenue Plantation | | | | | | 2755.00 | | | 6.89 | |
| 33 | Distribution of 6 months seedlings in lakh | | | | | | | | | | 81.78 |
| 34 | Raising of 18 months seedlings in lakh | | | | | | | 34.77 | | | |
| | Total - MGNREGS | | 224.00 | 4745.00 | 0.00 | 4969.00 | 2755.00 | 34.77 | 0.00 | 19.96 | 81.78 |
| 35 | NBM (OBDA) | NBM | 80.00 | 0.00 | 0.00 | 80.00 | 0.00 | 0.00 | 0.00 | 0.33 | 0.00 |
| | Total - NBM (OBDA) | | 80.00 | 0.00 | 0.00 | 80.00 | 0.00 | 0.00 | 0.00 | 0.33 | 0.00 |
| 36 | Tala Plantation under SRC | SRC | 0.00 | 0.00 | 0.00 | 0.00 | 0.00 | 0.00 | 0.00 | 19.00 | 0.00 |
| | Total - Tala Plantation under SRC | | 0.00 | 0.00 | 0.00 | 0.00 | 0.00 | 0.00 | 0.00 | 19.00 | 0.00 |
| | STATE TARGET | | 5028.93 | 32017.99 | 73.96 | 37120.88 | 2756.60 | 73.72 | 40.00 | 216.62 | 280.15 |

#Plant4Mother

## ବୃକ୍ଷରୋପଣ ସ୍ଥାନକୁ ପଲିଥିନ୍ ମୁକ୍ତ କରିବା ପାଇଁ ଏକ ଅଭିନବ ପ୍ରୟାସ

ରାଜ୍ୟରେ ପ୍ରତିବର୍ଷ ପାଖାପାଖି ୨ କୋଟି ସଂଖ୍ୟାରେ ୧୮ ମାସିଆ ଚାରା ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଏ । ପୂର୍ବେ ଏହି ପ୍ଲାଷ୍ଟିକ୍ ବ୍ୟାଗ ସବୁକୁ ପୋଡି ନଷ୍ଟ କରିଦିଆଯାଉଥିଲା ବା ସେହିପରି ପଡି ରହୁଥିଲା । ପରେ ଏହି ସବୁ ପଲିଥିନ୍ ବ୍ୟାଗ ଅନେକ ବର୍ଷ ଯାଏଁ ରହି ପରିବେଶରେ ପ୍ରଦୂଷଣ ସୃଷ୍ଟି କରୁଥିଲା । ଏହିପରି ଏକ ଉତ୍କଟ ସମସ୍ୟାର ସମାଧାନ ପାଇଁ ୨୦୨୩-୨୪ ମସିହାରେ, ବୃକ୍ଷରୋପଣ କାର୍ଯ୍ୟ ସରିବା ପରେ ୪୭.୬ ଲକ୍ଷ ପଲିଥିନ୍ ବ୍ୟାଗକୁ (ଯାହାର ସମୁଦାୟ ଓଜନ ୫୮ ଟନ୍), ୨୫ଟି ବନଖଣ୍ଡର ୧୨୨ ରେଞ୍ଜରୁ ପ୍ରଥମ ଥର ପାଇଁ ସଂଗୃହିତ ହୋଇ ପୁନଃକ୍ରୟ ବ୍ୟବସ୍ଥା (Buy Back) ମାଧ୍ୟମରେ ସଂସ୍ଥାକୁ reuse/recycle କରିବା ପାଇଁ ଦିଆଗଲା । ଏତଦ୍ ଦ୍ୱାରା ପରିବେଶକୁ ବିଶେଷ କ୍ଷତି ପହଞ୍ଚାଉଥିବା ପ୍ଲାଷ୍ଟିକ ବର୍ଯ୍ୟବସ୍ତୁର ସଠିକ recycle କରିବା ସଙ୍ଗେ ସଙ୍ଗେ ୨୬୧ ଉକ୍ତ equivalent କାର୍ବନ ଫୁଟ୍ ପ୍ରିଣ୍ଟକୁ କମାଇବାରେ ସଫଳ ହୋଇପାରିଛୁ । ଏହି ଅଭିନବ ପ୍ରୟାସକୁ ପ୍ରତ୍ୟେକ ବର୍ଷ ଜାରି ରଖିବା ପାଇଁ ଏକ SOP ମଧ୍ୟ ତିଆରି କରି ପ୍ରତ୍ୟେକ ବନଖଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।








"एक पेड माँ के नाम"

## ଚାରାବିତରଣ କାର୍ଯ୍ୟକ୍ରମ ମାର୍ଗଦର୍ଶିକା

- ରାଜ୍ୟର ଜଙ୍ଗଲ ବ୍ୟତୀତ ଅନ୍ୟାନ୍ୟ ବାହ୍ୟ ଅଞ୍ଚଳକୁ ସବୁଜ ସୁନ୍ଦର କରିବା ପାଇଁ ଚାରା ବିତରଣର ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଗ୍ରାମ, ଗ୍ରାମ ପଞ୍ଚାୟତ, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠି ଓ ହିତାଧିକାରୀମାନଙ୍କ ସହାୟତାରେ ସମୂହ ସଚେତନତା ସୃଷ୍ଟି କରାଯିବା ଜରୁରୀ।
- ଚାରା ଉପଲବ୍ଧତା ସମ୍ବନ୍ଧରେ ବ୍ୟାପକ ପ୍ରଚାର (ଚାରା ପ୍ରଜାତି, ସଂଖ୍ୟା, ନର୍ସରୀର ଅବସ୍ଥାନ, ନର୍ସରୀ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ନାମ, ମୋବାଇଲ ନମ୍ବର) ଇତ୍ୟାଦି ବୃକ୍ଷରୋପଣ ଋତୁ (Season) ଆରମ୍ଭ ପୂର୍ବରୁ ଚାରା ବଣ୍ଟନ ପାଇଁ ବିଜ୍ଞାପନ ବୋର୍ଡ କିମ୍ବା ଅନ୍ୟ ଗଣମାଧ୍ୟମରେ (Media) ପ୍ରଚାର କରାଯିବ।
- ବଣ୍ଟନ ବ୍ୟବସ୍ଥାରେ ଚାରା ଗୁଡ଼ିକ ଅର୍ଥାତ୍ ଉଭୟ ଜଙ୍ଗଲ ଓ ଔଷଧିୟ ଚାରା ଗୁଡ଼ିକ ସାଧାରଣ ଜନତାଙ୍କ ପାଇଁ ଅତି କମ୍ ରେ ୧ ଟଙ୍କା ମୂଲ୍ୟ ପ୍ରଦାନରେ ବଣ୍ଟନ କରାଯିବ। ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସାର୍ବଜନୀନ ସଂଗଠନ ମାନଙ୍କୁ ବିନାମୂଲ୍ୟରେ ବଣ୍ଟନ କରାଯିବ। ସବୁଜ ମହାନଦୀ ମିଶନରେ ବଣ୍ଟନ ପାଇଁ ବ୍ୟବସ୍ଥିତ ଚାରା ଗୁଡ଼ିକ ନଦୀ ଓ ସେମାନଙ୍କ ଉପନଦୀ କୂଳରେ ଥିବା ଗ୍ରାମବାସୀ ଓ ଅନୁଷ୍ଠାନ ଗୁଡ଼ିକୁ ବିନାମୂଲ୍ୟରେ ବଣ୍ଟନ କରାଯିବା ସହିତ ନଦୀକୂଳରେ ସବୁଜ ବଳୟ ସୃଷ୍ଟି କରାଯାଇପାରିବ।
- ଆଗୁଆ ଆସିଥିବା ବ୍ୟକ୍ତିଙ୍କୁ ପ୍ରଥମେ ବିତରଣ ପାଇଁ ଅଗ୍ରାଧିକାର ଦିଆଯିବ।
- ଚାରା ବିତରଣ ସେବା ପ୍ରଥମ ଜୁଲାଇରୁ ଆରମ୍ଭ ହୋଇ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଜାରି ରହିବ।
- ବ୍ୟକ୍ତି ବିଶେଷଙ୍କ ପାଇଁ ପରିଚୟ ପ୍ରମାଣ ପତ୍ର କିମ୍ବା ମୋବାଇଲ ନମ୍ବରକୁ ରେଜିଷ୍ଟ୍ରିଭୁକ୍ତ କରିବାକୁ ପଡିବ ଏବଂ ଅନ୍ୟମାନଙ୍କୁ ବୃକ୍ଷରୋପଣ ସ୍ଥାନ ଓ ଯୋଗାଯୋଗ ନମ୍ବର ସାଧା କାଗଜରେ ଦରଖାସ୍ତ ମାଧ୍ୟମରେ ଦେବାକୁ ପଡିବ। ବଣ୍ଟନ କରାଯାଇଥିବା ଚାରା ଗୁଡ଼ିକ ନଥିଭୁକ୍ତ କରାଯିବ। ଚାରା ରସିଦ୍ ବହି ମାଧ୍ୟମରେ ବିକ୍ରି କରାଯିବ।
- ସହରାଞ୍ଚଳ ପାଇଁ ଅଧିକତମ ୫ ଗୋଟି ଓ ଗ୍ରାମାଞ୍ଚଳ ପାଇଁ ୧୦ ଗୋଟି ବୃକ୍ଷଚାରା ପ୍ରତି ବ୍ୟକ୍ତି ବିଶେଷଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ଅଛି। ଏହି ସୁବିଧାକୁ ଉପଲବ୍ଧି ପାଉଥିବା ପରିବାର ଓ ବ୍ୟକ୍ତି ବିଶେଷ ନିଜର (Aadhar Card, DL, Voter Id, Electric Bill) ଦେବା ପାଇଁ ଆବଶ୍ୟକ।
- ଅଧିକତମ ୧୫୦ ରୁ ୨୦୦ ଗୋଟି ବୃକ୍ଷଚାରା ପ୍ରତି ଅନୁଷ୍ଠାନକୁ ଦିଆଯିବା ପାଇଁ ଉଦ୍ଦିଷ୍ଟ ଅଛି। ଅଧିକ ସଂଖ୍ୟକ ଚାରା ନେବା ପାଇଁ ଇଚ୍ଛୁକ ଅନୁଷ୍ଠାନ ଦରଖାସ୍ତ ମାଧ୍ୟମରେ ବୃକ୍ଷ ରୋପଣ ସ୍ଥାନର ସବିଶେଷ ତଥ୍ୟ ଓ ଯଥାର୍ଥତା ଦର୍ଶାଇ ସଂପୃକ୍ତ ରେଞ୍ଜ ଅଫିସର ମାଧ୍ୟମରେ ବନଖଣ୍ଡ ଅଧିକାରୀଙ୍କ ଠାରୁ ଅନୁମତି ଗ୍ରହଣ କରି ଚାରା ସଂଗ୍ରହ କରିପାରିବେ।
- ଚାରା ବିତରଣ ପାଇଁ ଥିବା ଚାରା ଗୁଡିକୁ ଲୋକଙ୍କ ଚାହିଦା, ଜଳବାୟୁ ଓ ଜମିର ଆବଶ୍ୟକତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ସଜାଇ ରଖାଯିବା ଦରକାର।

#Plant4Mother

- ଏହି ବିତରଣ ବ୍ୟବସ୍ଥାକୁ ସ୍ୱଚ୍ଛ ଭାବରେ ତୁଲାଇବା ପାଇଁ ହିତାଧିକାରୀଙ୍କ ନାମ, ଠିକଣା ସହ ଅନ୍ୟାନ୍ୟ କାଗଜ ପତ୍ରର ବ୍ୟବସ୍ଥା କରାଯିବା ଆବଶ୍ୟକ। ବିତରଣ ବ୍ୟବସ୍ଥା କେବଳ ଗୋଟିଏ ମାସ ପାଇଁ ହେବା ଜରୁରୀ ଓ ଜନଗହଳିକୁ ଏଡାଇବା ପାଇଁ ଏହି କାର୍ଯ୍ୟକ୍ରମର ସୂଚନା ଜନସାଧାରଣଙ୍କୁ ଆଗୁଆ ଦିଆଯିବା ଦରକାର।

- ବିତରଣ ବ୍ୟବସ୍ଥାକୁ ଆସୁଥିବା ବିଭିନ୍ନ ଚାରାର ମୂଲ୍ୟ ସରକାରଙ୍କ ନିତି ନିର୍ଦ୍ଧାରଣ ପ୍ରକ୍ରିୟା ଅନୁଯାୟୀ ହୋଇଥିବା ଦରକାର ଓ ଏହା ନର୍ସରୀରେ ଜନସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେବା ଆବଶ୍ୟକ। ସେହିଭଳି ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ସରକାରୀ ଅନୁଷ୍ଠାନ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କ ପାଇଁ କ'ଣ ବ୍ୟବସ୍ଥା ରହିଛି ଏହା ମଧ୍ୟ ପ୍ରଦର୍ଶିତ ଫଳକରେ ସ୍ଥାନ ପାଇବା ଜରୁରୀ।

## ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ (JFM)

- ସହଭାଗୀତା ଭିତ୍ତିରେ ଅଦ୍ୟାବଧି, ରାଜ୍ୟରେ ୧୬,୧୭୦ ଗୋଟି ବନ ସୁରକ୍ଷା ସମିତି ଗଠନ କରାଯାଇ ସେମାନଙ୍କର ସହଯୋଗରେ ସମୁଦାୟ ୧୩,୯୩୬.୨୭ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳର ସୁରକ୍ଷା କରାଯାଉଅଛି। ଏହା ସହିତ ୫୯୦ ଟି ପରିବେଶ ବିକାଶ କମିଟି ଗଠନ କରାଯାଇ ଜାତୀୟ ଉଦ୍ୟାନ ଅନ୍ତର୍ନିହିତ ଓ ବାହ୍ୟ ଅଞ୍ଚଳର ମଧ୍ୟ ସୁରକ୍ଷା ଦିଆଯାଉଅଛି। ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ନିମନ୍ତେ ବନ ସୁରକ୍ଷା ସମିତିମାନଙ୍କୁ ପ୍ରୋତ୍ସାହନ ଦିଆଯାଉଅଛି।




*Awareness Meeting at Amdamunda VSS of Kotpad Range, Jeypore Forest Division*




*Medicinal Plants Knowledge Centre Patrapada, Bhubaneswar*







# ବନମହୋତ୍ସବ - ୨୦୨୩












Designed & Printed at Jyoti Graphics, Bhubaneswar - 751 007, Tel.: 0674-2544209